# ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା, ୨୦୧୧ ଏବଂ ଦ୍ୱୀପ ସୁରକ୍ଷା ମଣ୍ଡଳ ଅଧିସୂଚନା, ୨୦୧୧ ଉପରେ ବାରମ୍ବାର ପଚରା ଯାଉଥିବା ପ୍ରଶ୍ନ

## କ. ସାଧାରଣ

### ୧. ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା, ୨୦୧୧ ର କି ଆବଶ୍ୟକତା ରହିଛି ?

ଆମ ଉପକୂଳବର୍ତ୍ତୀ ପରିବେଶର ସୁରକ୍ଷା ଓ ସଂରକ୍ଷଣ ପାଇଁ ବିସ୍ତୃତ ପଦକ୍ଷେପ ନେବା ନିମନ୍ତେ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ତରଫରୁ ପରିବେଶ (ସୁରକ୍ଷା) ଆଇନ, ୧୯୮୬ ଅଧିନରେ ୧୯.୦୨.୧୯୯୧ ତାରିଖରେ ଉପକୂଳ ନିୟନ୍ତ୍ରଣ ମଣ୍ଡଳ (CRZ) ଅଧିସୂଚନା ଜାରି କରାଯାଇଛି। ତେବେ ବିଗତ ଦୁଇ ଦଶନ୍ଧି ମଧରେ ୧୯୯୧ ଅଧିସୂଚନା କାର୍ଯ୍ୟକାରୀ ହେବାବେଳେ ନିମ୍ନଲିଖିତ ବିଷୟଗୁଡ଼ିକ ନଜରକୁ ଆସିଛି ।

- ୧୯୯୧ ଅଧିସୂଚନାରେ ଭାରତର ସମସ୍ତ ଉପକୂଳ ରେଖା ପ୍ରତି ସମାନ ନିୟମ ପ୍ରଣୟନ କରାଯାଇଛି । ଏହା ମଧରେ ମୂଳ ଭୂଖଣ୍ଡର ୫୫୦୦ କିଲୋମିଟର ଏବଂ ଆଣ୍ଡାମାନ ନିକୋବର ଓ ଲାକ୍ଷାଦ୍ୱୀପ ଦ୍ୱୀପପୁଞ୍ଜର ୨୦୦୦ କିଲୋମିଟର ତଟରେଖା ରହିଛି । ଉପକୂଳବର୍ତ୍ତୀ ଅଞ୍ଚଳରେ ଦେଖାଯାଉଥିବା ବିବିଧତା ଯଥା ଜୈବ ବିବିଧତା, ଜଳ ଗତିବିଦ୍ୟାରେ ପରିବର୍ତ୍ତନ, ଜନସଂଖ୍ୟାର ବୈଷମ୍ୟ, ପ୍ରାକୃତିକ ସମ୍ବଳ, ଭୂଗଠନ ତଥା ଭୂତାତ୍ତ୍ୱିକ ବିଷୟ ବିଚାରକୁ ନେବାରେ ଏହା ବିଫଳ ହୋଇଛି ।
- ୧୯୯୧ ଅଧିସୂଚନାରେ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅନୁମତି ପାଇବା ପାଇଁ ସ୍ପଷ୍ଟ ନିୟମାବଳୀ ପ୍ରଣୟନ କରାଯାଇ ନଥିଲା । ଏଥିପାଇଁ କୌଣସି ସମୟସୀମା ନିର୍ଦ୍ଧାରଣ କରାଯାଇ ନଥିଲା । ଅନୁମତି ପାଇବା ପାଇଁ ଦରଖାସ୍ତ କରିବା ନିମନ୍ତେ କୌଣସି ଫର୍ମ ମଧ ଦିଆଯାଇ ନଥିଲା ।
- ଏକଥା ଉଲ୍ଲେଖ କରାଯାଇପାରେ ଯେ ୧୯୯୧ ଅଧିସୂଚନାରେ ଅନୁମତି ଦେବା ପରେ କୌଣସି ତଦାରଖ ବ୍ୟବସ୍ଥା ନଥିଲା । ନିୟମ ଉଲ୍ଲଙ୍ଘନକୁ ରୋକିବା ନିମନ୍ତେ କୌଣସି କାର୍ଯ୍ୟକାରୀ ବ୍ୟବସ୍ଥା ନଥିଲା ।
- ୧୯୯୧ ଅଧିସୂଚନାରେ ଆନ୍ତଃ-ଜୁଆର ଅଞ୍ଚଳ ଓ ସ୍ଥଳ ଭାଗ ଆଡ଼କୁ ୫୦୦ ମିଟର ମଧରେ କରାଯାଉଥିବା ସମସ୍ତ ବିକାଶମୂଳକ କାର୍ଯ୍ୟକ୍ରମ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା ରହିଥିଲା। ସ୍ଥଳଭାଗର କାର୍ଯ୍ୟକ୍ରମ ଦ୍ୱାରା ସୃଷ୍ଟି ହେଉଥିବା ପ୍ରଦୂଷଣ ବିଷୟରେ ୧୯୯୧ ଅଧିସୂଚନାରେ କୌଣସି ନିର୍ଦ୍ଦିଷ୍ଟ ପଦକ୍ଷେପର ଉଲ୍ଲେଖ ନଥିଲା ।
- ୧୯୯୧ ଅଧିସୂଚନାରେ ରହିଥିବା କେତେକ ନିଷେଧାବଳୀ ଯୋଗୁଁ ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ଉପକୂଳବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ବ୍ୟକ୍ତିବିଶେଷ ଏବଂ

ଗୋଷ୍ଠୀମାନଙ୍କ ଜୀବନଯାପନ କଷ୍ଟକର ହୋଇପଡ଼ିଲା । ଏମାନଙ୍କ ମଧ୍ୟରେ ମୁମ୍ବାଇରେ ରହୁଥିବା ବସ୍ତିବାସିନ୍ଦା ଏବଂ ଅସୁରକ୍ଷିତ ଓ ଜରାଜୀର୍ଣ୍ଣ କୋଠାବାଡ଼ିମାନଙ୍କରେ ରହୁଥିବା ଅନ୍ୟାନ୍ୟ ବ୍ୟକ୍ତି, କେରଳର ଆବଦ୍ଧ ଜଳରାଶିରେ ଥିବା ଦ୍ୱୀପାଞ୍ଚଳରେ ବସବାସ କରୁଥିବା ବିଭିନ୍ନ ଗୋଷ୍ଠୀ, ଗୋଆ ଉପକୂଳରେ ରହୁଥିବା ସ୍ଥାନୀୟ ବାସିନ୍ଦା ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଅନ୍ୟାନ୍ୟ ପାରମ୍ପରିକ ବାସିନ୍ଦା ଅନ୍ତର୍ଭୁକ୍ତ ଅଟନ୍ତି ।

- ବିଭିନ୍ନ ରାଜ୍ୟ ସରକାର, କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦିଙ୍କ ଦ୍ୱାରା କରାଯାଇଥିବା ଅନୁରୋଧକୁ ବିଚାରକୁ ନେଇ ୧୯୯୧ ଅଧିସୂଚନାରେ ୨୫ ଥର ସଂଶୋଧନ ଅଣାଯାଇଛି । ଏଥିସହିତ କେତେକ ନିୟମ ଉପରେ ସ୍ପଷ୍ଟୀକରଣ ଦେବା ପାଇଁ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ତରଫରୁ ଅନେକ ସରକାରୀ ଆଦେଶନାମା ଜାରି କରାଯାଇଛି । ୧୯୯୧ ଅଧିସୂଚନାରେ କରାଯାଇଥିବା ପରିବର୍ତ୍ତନ ସବୁକୁ ୨୦୧୧ ଅଧିସୂଚନାରେ ସ୍ଥାନିତ କରାଯାଇଛି ।

ଉପରୋକ୍ତ ସମସ୍ତ ଦିଗକୁ ବିଚାରକୁ ନେଇ ଉପକୂଳ ନିୟନ୍ତ୍ରଣ ଉପରେ ଏମ୍.ଏସ୍. ସ୍ୱାମୀନାଥନ୍ଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର "ଶେଷ ସୀମାନ୍ତ"ର ସୁପାରିଶ ଏବଂ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଆୟୋଜିତ ଆଲୋଚନାଚକ୍ରମାନଙ୍କର ନିଷ୍କର୍ଷକୁ ଏକତ୍ରିତ କରି ବିସ୍ତୃତଭାବେ ୨୦୧୧ ଅଧିସୂଚନା ପ୍ରସ୍ତୁତ କରାଯାଇଛି । ଗୋଆ, ଚେନ୍ନାଇ, ପୁରୀ, କୋଚି ଏବଂ ମୁମ୍ବାଇଠାରେ ଆୟୋଜିତ ବିଚାର ବିମର୍ଷ କର୍ମଶାଳାରେ ନିଜେ ରାଷ୍ଟ୍ରମନ୍ତ୍ରୀ (ଭାରପ୍ରାପ୍ତ) ଅଧ୍ୟକ୍ଷତା କରିଥିଲେ ।

### ୨. ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା, ୨୦୧୧ର ଆଭିମୁଖ୍ୟ କଣ ?

ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା. ୨୦୧୧ର ପ୍ରମୁଖ ଆଭିମୁଖ୍ୟମାନ ହେଲା –

- ଉପକୂଳବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ମତ୍ସ୍ୟଜୀବୀ ଓ ଅନ୍ୟାନ୍ୟ ସ୍ଥାନୀୟ ଗୋଷ୍ଠୀଙ୍କ ଜୀବନଜୀବିକାକୁ ସୁରକ୍ଷିତ କରିବା;
- ଉପକୂଳବର୍ତ୍ତୀ ଅଞ୍ଚଳର ସୁରକ୍ଷା ଓ ସଂରକ୍ଷଣ କରିବା;
- ଉପକୂଳବର୍ତ୍ତୀ ଅଞ୍ଚଳରେ ଘଟୁଥିବା ପ୍ରାକୃତିକ ବିପର୍ଯ୍ୟୟଜନିତ ବିପଦ ଓ ବିଶ୍ୱ ତାପମାନ ବୃଦ୍ଧି ଯୋଗୁଁ ସମୁଦ୍ର ଜଳ ପତ୍ତନ ବୃଦ୍ଧିଜନିତ ବିପଦ କଥା ବିଚାରକୁ ନେଇ ବୈଜ୍ଞାନିକ ପଦ୍ଧତିରେ ଚିରନ୍ତନ ବିକାଶ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ।

# ଖ. ୨୦୧୧ ଅଧିସୂଚନା ଅନୁସାରେ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଞ୍ଚଳର ଚିହ୍ନଟକରଣ ଓ ବର୍ଗୀକରଣ

## ୧. ଉପକୂଳ ମଣ୍ଡଳକୁ ୨୦୧୧ ଅଧିସୂଚନା ଅନୁସାରେ କିପରି ବର୍ଗୀକରଣ କରାଯାଇଛି ?

ଉପକୂଳ ନିୟନ୍ତ୍ରଣ ମଣ୍ଡଳକୁ ୧୯୯୧ ଅଧିସୂଚନା ଅନୁସାରେ ସିଆରଜେଡ଼-୧ (ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ), ସିଆରଜେଡ଼-୨ (ବିକାଶଲାଭ କରିଥିବା ଅଞ୍ଚଳ), ସିଆରଜେଡ଼-୩ (ଗ୍ରାମାଞ୍ଚଳ) ଏବଂ ସିଆରଜେଡ଼-୪ (ଜଳ ଅଞ୍ଚଳ) ଭାବେ ବିଭକ୍ତ କରାଯାଇଛି । ଏହି ଶ୍ରେଣୀ ବିଭାଗ ୨୦୧୧ ଅଧିସୂଚନାରେ ବଜାୟ ରହିଛି । କେବଳ ସିଆରଜେଡ଼-୪ ମଧ୍ୟରେ ଜଳସୀମା ଓ ଜୁଆର ପ୍ରଭାବିତ ଜଳଭାଗକୁ ସାମିଲ କରାଯାଇଛି ।

ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଏବଂ ଲାକ୍ଷାଦ୍ୱୀପର ସୁରକ୍ଷା ପାଇଁ ପରିବେଶ (ସୁରକ୍ଷା) ଆଇନ, ୧୯୮୬ ଅନୁସାରେ ପ୍ରଥମ କରି ଦ୍ୱୀପ ସୁରକ୍ଷା ମଣ୍ଡଳ ଅଧିସୂଚନା ଜାରି କରାଯାଇଛି ।

## ୨. ସିଆରଜେଡ଼-୧ ଶ୍ରେଣୀ ମଧ୍ୟରେ କେଉଁ ଉପକୂଳ ଅଞ୍ଚଳ ଆସିପାରିବ ?

ସିଆରଜେଡ଼-୧ ଅଧିନରେ ରହିଥିବା ସ୍ଥାନମାନଙ୍କର ତାଲିକା ସ୍ପଷ୍ଟ ଭାବେ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା, ୨୦୧୧ ରେ ଉଲ୍ଲେଖ ରହିଛି । ଏହି ସ୍ଥାନମାନ ହେଲା :-

(କ) ଉପକୂଳର ଅକ୍ଷୁର୍ଣ୍ଣତା ବଜାୟ ରଖିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ଅଞ୍ଚଳ ଓ ଭୂତାତ୍ତ୍ୱିକ ବୈଶିଷ୍ଟ୍ୟ ।

- ହେନ୍ତାଳବଣ, କୌଣସି ସ୍ଥାନରେ ୧୦୦୦ ବର୍ଗମିଟରରୁ ଅଧିକ ଅଞ୍ଚଳରେ ହେନ୍ତାଳବଣ ରହିଥିଲେ ୫୦ ମିଟରର ଏକ ନିରପେକ୍ଷ ସ୍ଥାନ ଛାଡ଼ିବାକୁ ହେବ ;
- ପ୍ରବାଳ ଓ ପ୍ରବାଳ ଦ୍ୱୀପ ଏବଂ ଏଥି ସହିତ ସଂପୃକ୍ତ ଜୈବ ବିବିଧତା;
- ବାଲୁକା ସ୍ତୁପ ;
- ଜୈବିକ ଦୃଷ୍ଟିରୁ ସକ୍ରିୟ ଥିବା କର୍ଦ୍ଦମାକ୍ତ ସ୍ଥାନ ;
- ବନ୍ୟପ୍ରାଣୀ (ସୁରକ୍ଷା) ଆଇନ, ୧୯୭୨ (୧୯୭୨ ର ୫୩), ଜଙ୍ଗଲ (ସଂରକ୍ଷଣ) ଆଇନ, ୧୯୮୦ (୧୯୮୦ ର ୬୯) ଅଥବା ପରିବେଶ (ସୁରକ୍ଷା) ଆଇନ, ୧୯୮୬ (୧୯୮୬ର ୨୯)ର ବ୍ୟବସ୍ଥା ଅନୁସାରେ ସୁରକ୍ଷିତ ରହିଥିବା ଜାତୀୟ ଉଦ୍ୟାନ, ସାମୁଦ୍ରିକ ଉଦ୍ୟାନ, ଅଭୟାରଣ୍ୟ, ସଂରକ୍ଷିତ ଜଙ୍ଗଲ, ବନ୍ୟପ୍ରାଣୀ ଆବାସ ସ୍ଥଳୀ ତଥା ଅନ୍ୟାନ୍ୟ ସୁରକ୍ଷିତ ଅଞ୍ଚଳ । ଏହା ମଧ୍ୟରେ ଜୈବମଣ୍ଡଳ ମଧ ଅନ୍ତର୍ଭୁକ୍ତ;
  - ଲୁଣି ଅଞ୍ଚଳ ;
  - କଇଁଛ ଅଣ୍ଡାଦେବା ସ୍ଥାନ ;
  - ନୀଳ ରକ୍ତ କଙ୍କଡ଼ା ଆବାସସ୍ଥଳୀ;

- ସାମୁଦ୍ରିକ ତୃଣଭୂମି;
- ଚଢ଼େଇମାନଙ୍କ ଅଣ୍ଡାଦେବା ସ୍ଥାନ;
- ଐତିହ୍ୟପୂର୍ଣ୍ଣ ସ୍ଥାନ ବା ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ।

(ଖ) ଉଚ୍ଚ ଜୁଆର ରେଖା ଓ ନିମ୍ନ ଜୁଆର ରେଖା ମଧ୍ୟବର୍ତ୍ତୀ ଅଞ୍ଚଳ ।

## ୩. ସିଆରଜେଡ଼-୧ ଅଞ୍ଚଳରେ କେଉଁ କେଉଁ କାର୍ଯ୍ୟ କରିବା ପାଇଁ ଅନୁମତି ମିଳି ପାରିବ ?

୧୯୯୧ ମସିହାର ଅଧିସୂଚନା ଏବଂ ବିଭିନ୍ନ ସମୟରେ କରାଯାଇଥିବା ସଂଶୋଧନ ଅନୁସାରେ ସିଆରଜେଡ଼-୧ ଅଞ୍ଚଳରେ ବିଭିନ୍ନ କାର୍ଯ୍ୟ କରିବା ପାଇଁ ୨୦୧୧ ଅଧିସୂଚନାରେ ଅନୁମତି ପ୍ରଦାନ କରାଯାଇଛି ।ସେସବୁ ହେଲା –

(କ) ନିମ୍ନଲିଖିତ କ୍ଷେତ୍ର ବ୍ୟତିତ ଅନ୍ୟ କୌଣସି କ୍ଷେତ୍ରରେ ନୂତନ ନିର୍ମାଣ କାର୍ଯ୍ୟ କରାଯାଇ ପାରିବ ନାହିଁ ।

- ଆଣବିକ ଶକ୍ତି ବିଭାଗ ସହ ସଂପୃକ୍ତ କାର୍ଯ୍ୟ;
- ପାଇପଲାଇନ, ପରିବହନ ବ୍ୟବସ୍ଥା ଓ ବିଦ୍ୟୁତ ସରବରାହ କାର୍ଯ୍ୟ ;
- ସିଆରଜେଡ-୧ ଅଞ୍ଚଳରେ ଅନୁମତି ପ୍ରାପ୍ତ କାର୍ଯ୍ୟ କରିବା ପାଇଁ ଆବଶ୍ୟକ ହେଉଥିବା ଜରୁରୀ ସୁବିଧା ପାଇଁ କାର୍ଯ୍ୟ;
- ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ବାତ୍ୟା ବିଷୟରେ ପୂର୍ବସୂଚନା ପାଇବା ଏବଂ ବାତ୍ୟାର ଗତିବିଧି ଜାଣିବା ପାଇଁ ପାଣିପାଗ ରାଡ଼ାର ସ୍ଥାପନ ।
- ପୋତାଶ୍ରୟ ମଧ୍ୟରେ ସଂଯୋଗ ସ୍ଥାପନ ପାଇଁ ନିର୍ମାଣ କାର୍ଯ୍ୟ, ଖୁଣ୍ଟ ଉପରେ ରହିଥିବା ରାସ୍ତା। ଏହା ଉଚ୍ଚ ଜୁଆର ରେଖା ଓ ନିମ୍ନ ଜୁଆର ରେଖା ମଧ୍ୟରେ ଥିବା ସ୍ଥାନରେ ଜୁଆରର ଗତିକୁ ପ୍ରଭାବିତ କରୁ ନଥିବ;
- କେବଳ ନବି ମୁମ୍ବାଇରେ ଅନୁମତି ପ୍ରଦାନ କରାଯାଇଥିବା ଗ୍ରୀନ୍ ଫିଲଡ୍ ବିମାନ ବନ୍ଦରର ବିକାଶ ।

(ଖ) ନିମ୍ନ ଜୁଆର ରେଖା ଓ ଉଚ୍ଚ ଜୁଆର ରେଖା ମଧ୍ୟରେ ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ହୋଇ ନଥିବା ସ୍ଥାନମାନଙ୍କ ପାଇଁ ନିମ୍ନଲିଖିତ କାର୍ଯ୍ୟ କରାଯାଇପାରିବ ।

- ପ୍ରାକୃତିକ ଗ୍ୟାସର ସନ୍ଧାନ ଓ ଖନନ ;
- ସଂପୃକ୍ତ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନେଇ ଜୈବମଣ୍ଡଳ ମଧ୍ୟରେ ବସବାସ କରୁଥିବା ସ୍ଥାନୀୟ ଅଧିବାସୀଙ୍କ ସୁବିଧା ନିମନ୍ତେ ଆବଶ୍ୟକ ହେଉଥିବା ଡାକ୍ତରଖାନା, ବିଦ୍ୟାଳୟ, ସର୍ବସାଧାରଣଙ୍କ ପାଇଁ ବର୍ଷା ଆଶ୍ରୟସ୍ଥଳ, ଗୋଷ୍ଠୀ ଶୌଚାଳୟ, ସେତୁ, ରାସ୍ତା, ଜେଟି, ଜଳଯୋଗାଣ, ଜଳ ନିଷ୍କାସନ, ନର୍ଦ୍ଦମା ପାଣି ନିଷ୍କାସନ ପାଇଁ ନିର୍ମାଣ କାର୍ଯ୍ୟ ;

- ସୂର୍ଯ୍ୟରଶ୍ମି ଦ୍ୱାରା ସମୁଦ୍ର ଜଳ ବାଷ୍ପୀକରଣ କରାଯାଇ ଲବଣ ସଂଗ୍ରହ ;
- ଲବଣ ଜଳ ବିଶୋଧନାଗାର ;
- ଅଧିସୂଚିତ ବନ୍ଦରମାନଙ୍କରେ କ୍ଷତିକାରକ ହୋଇ ନଥିବା ଦ୍ରବ୍ୟ ଯଥା ଖାଇବା ତେଲ, ରାସାୟନିକ ସାର ଏବଂ ଖାଦ୍ୟଶସ୍ୟ ସାଇତି ରଖିବା;
- ଜୁଆରର ଗତିକୁ ପ୍ରଭାବିତ ନ କରି ପୋତାଶ୍ରୟ ମଧ୍ୟରେ ସଂଯୋଗ ନିର୍ମାଣ, ଖମ୍ବ ଉପରେ ରାସ୍ତା ନିର୍ମାଣ ।

**୪. ସିଆରଜେଡ-୨ ଅଧିନରେ ଉପକୂଳର କେଉଁ କେଉଁ ଅଞ୍ଚଳ ଆସିଥାଏ ?**

ଅଧିସୂଚନା ଅନୁସାରେ ପୌରାଞ୍ଚଳ ସୀମା ଭିତରେ ରହିଥିବା ଓ ସମୁଦ୍ର ତଟରେଖା ପର୍ଯ୍ୟନ୍ତ ବିକାଶ କାର୍ଯ୍ୟ କରାଯାଇଥିବା ଅଞ୍ଚଳ ସିଆରଜେଡ-୨ର ଅନ୍ତର୍ଗତ ଅଟେ ।

**୫.ସିଆରଜେଡ-୨ ଅଞ୍ଚଳରେ କେଉଁ କେଉଁ କାର୍ଯ୍ୟ କରିବା ପାଇଁ ଅନୁମତି ମିଳିପାରିବ ?**

ରାସ୍ତା, ସ୍ୱୀକୃତିପ୍ରାପ୍ତ ନିର୍ମାଣ ବା ବିପଦଜ୍ଜନକ ରେଖାର ସ୍ଥଳଭାଗ ଆଡ଼କୁ ଗୃହ ନିର୍ମାଣ କରାଯାଇପାରିବ । ଏଠାରେ ପୂର୍ବରୁ କୌଣସି ସ୍ୱୀକୃତିପ୍ରାପ୍ତ ନିର୍ମାଣ କାର୍ଯ୍ୟ ହୋଇ ନଥିବ। ଲବଣ ଜଳ ବିଶୋଧନାଗାର, କ୍ଷତିକାରକ ହୋଇନଥିବା ସାମଗ୍ରୀ ସାଇତିବା ଆଦି କାର୍ଯ୍ୟ ମଧ କରାଯାଇପାରିବ । ୧୯.୨.୧୯୯୧ ତାରିଖ ଅନୁଯାୟୀ ଚଟାଣ ଆୟତନ ମାନ ବା ଚଟାଣ ଆୟତନ ଅନୁପାତ ଅନୁସାରେ ନିର୍ମାଣ କାର୍ଯ୍ୟ କରାଯିବ । ତେବେ ବସ୍ତି ଅଞ୍ଚଳ ବିକାଶ ଓ ଜରାଜୀର୍ଣ୍ଣ ଗୃହର ପୁନଃନିର୍ମାଣ ପାଇଁ ସିଆରଜେଡ ଅଧିସୂଚନା, ୨୦୧୧ରେ ଧାର୍ଯ୍ୟ କରାଯାଇଥିବା ନିୟମ ଏହାର ବ୍ୟତିକ୍ରମ ଅଟେ ।

**୬. ସିଆରଜେଡ-୩ ଶ୍ରେଣୀ ମଧ୍ୟରେ ଉପକୂଳର କେଉଁ ଅଞ୍ଚଳ ଆସିଥାଏ ? ଏହି ଅଞ୍ଚଳରେ କି କି କାର୍ଯ୍ୟ କରିବା ପାଇଁ ଅନୁମତି ପ୍ରଦାନ କରାଯାଇ ପାରିବ ?**

ସିଆରଜେଡ-୧ ଏବଂ ୨ ଅଧିନରେ ନଥିବା ଏବଂ ତୁଳନାତ୍ମକ ଭାବେ ବିଶେଷ ପ୍ରଭାବିତ ହୋଇ ନଥିବା ଅଞ୍ଚଳକୁ ସିଆରଜେଡ-୩ ଅଞ୍ଚଳ କୁହାଯାଏ । ବିଶେଷ ବିକାଶ ଲାଭ କରି ନଥିବା ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଏହା ଅଧିନରେ ଆସିଥାଏ ।

ସିଆରଜେଡ ଅଧିସୂଚନା ୧୯୯୧ ରେ ଅନୁମତି ପ୍ରଦାନ କରାଯାଇଥିବା ସମସ୍ତ କାର୍ଯ୍ୟ ଏହି ଅଧିସୂଚନାରେ ରଖାଯାଇଛି । ଉଚ୍ଚ ଜୁଆର ରେଖାର ୦ ରୁ ୨୦୦ ମିଟର ମଧ୍ୟରେ ଥିବା ଅଞ୍ଚଳ ବିକାଶ ନିଷିଦ୍ଧ ଅଞ୍ଚଳ ଅଟେ । ଏହା ମଧ୍ୟରେ କୌଣସି ନିର୍ମାଣ କାର୍ଯ୍ୟ କରା ଯାଇପାରିବ ନାହିଁ । କେବଳ କୃଷି, ଉଦ୍ୟାନ କୃଷି, ବଗିଚା, ତୃଣ ଭୂମି, ପାର୍କ, ଖେଳପଡ଼ିଆ, ଜଙ୍ଗଲ, ଆଣବିକ ଶକ୍ତି ବିଭାଗର ପ୍ରକଳ୍ପ, ବିରଳ ଖଣିଜ ପଦାର୍ଥ ଉତ୍ତୋଳନ, ସମୁଦ୍ର ଜଳରୁ ଲବଣ ସଂଗ୍ରହ, ପେଟ୍ରୋଲଜାତ ପଦାର୍ଥ ଓ ତରଳୀକୃତ ପ୍ରାକୃତିକ ଗ୍ୟାସର ଆମଦାନୀ, ସଂରକ୍ଷଣ ଓ ପୁନଃଗ୍ୟାସୀକରଣ ପାଇଁ ସୁବିଧା ସୃଷ୍ଟି, ଅଣପାରମ୍ପରିକ ଉତ୍ସରୁ ଶକ୍ତି ଉତ୍ପାଦନ ଏବଂ

ସର୍ବସାଧାରଣଙ୍କ ସୁବିଧା ପାଇଁ କେତେକ କାର୍ଯ୍ୟ ନିମନ୍ତେ ଏହି ଅଞ୍ଚଳରେ ଅନୁମତି ପ୍ରଦାନ କରାଯାଇପାରିବ ।

ଉଚ୍ଚ ଜୁଆର ରେଖାର ୨୦୦ ରୁ ୫୦୦ ମିଟର ମଧ୍ୟରେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଗୃହ ନିର୍ମାଣ ଓ ମରାମତି, ନବି ମୁମ୍ବାଇର ଗ୍ରୀନ୍ ଫିଲ୍ଡ଼ ବିମାନବନ୍ଦର ସମେତ ପର୍ଯ୍ୟଟନ ପ୍ରକଳ୍ପ, ପେଟ୍ରୋଲଜାତ ପଦାର୍ଥ ଓ ତରଳୀକୃତ ପ୍ରାକୃତିକ ଗ୍ୟାସର ଆମଦାନୀ, ସଂରକ୍ଷଣ ଓ ପୁନଃଗ୍ୟାସୀକରଣ ପାଇଁ ସୁବିଧା ସୃଷ୍ଟି, କ୍ଷତିକାରକ ହୋଇ ନଥିବା ସାମଗ୍ରୀ ସଂରକ୍ଷଣ, ଲବଣଜଳ ବିଶୋଧନାଗାର, ଅଣପାରମ୍ପରିକ ଉତ୍ସରୁ ଶକ୍ତି ଉତ୍ପାଦନ ଆଦି କାର୍ଯ୍ୟ ପାଇଁ ଅନୁମତି ପ୍ରଦାନ କରାଯାଇଥାଏ ।

**୭. ଉପକୂଳର କେଉଁ କେଉଁ ଅଞ୍ଚଳ ସିଆରଜେଡ-୪ ଶ୍ରେଣୀର ଅନ୍ତର୍ଭୁକ୍ତ ?**

ଜୁଆର ଦ୍ୱାରା ପ୍ରଭାବିତ ଜଳାଶୟ ସମେତ ନିମ୍ନ ଜୁଆର ରେଖାଠାରୁ ସ୍ଥଳଭାଗର ସୀମା ପର୍ଯ୍ୟନ୍ତ ରହିଥିବା ଜଳଭାଗ ସିଆରଜେଡ-୪ର ଅନ୍ତର୍ଭୁକ୍ତ ।

**୮. ସିଆରଜେଡ-୪ ଶ୍ରେଣୀ ଅଞ୍ଚଳରେ କେଉଁ କେଉଁ କାର୍ଯ୍ୟ ପାଇଁ ଅନୁମତି ମିଳିପାରିବ ?**

ସିଆରଜେଡ-୪ ଅଞ୍ଚଳରେ ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା କରାଯାଉଥିବା ପାରମ୍ପରିକ ମାଛଧରା ଓ ଆନୁସଙ୍ଗିକ କାର୍ଯ୍ୟ ଉପରେ ପ୍ରତିବନ୍ଧକ ଲଗାଯାଇନାହିଁ । ତେବେ ଏହି ଅଞ୍ଚଳରେ ପରିଶୋଧନ ହୋଇ ନଥିବା ନର୍ଦ୍ଦମା ଜଳ, ଆବର୍ଜନା ବା କଠିନ ବର୍ଜ୍ୟବସ୍ତୁ ପକାଯାଇପାରିବ ନାହିଁ ଅଥବା ଏଠାରେ ଜମା କରାଯାଇ ପାରିବ ନାହିଁ । ଏହି ଅଧିସୂଚନା ଜାରି କରାଯିବାର ଏକ ବର୍ଷ ମଧ୍ୟରେ ସହରରୁ ନିଷ୍କାସନ ହେଉଥିବା ନର୍ଦ୍ଦମା ପାଣିର ପରିଶୋଧନ ପାଇଁ ବିସ୍ତୃତ ଯୋଜନା ପ୍ରସ୍ତୁତ ହେବା ଦରକାର ଓ ଏହାର ଦୁଇବର୍ଷ ମଧ୍ୟରେ ଯୋଜନା କାର୍ଯ୍ୟକାରୀ କରାଯିବା ଆବଶ୍ୟକ ।

## ଗ. ମତ୍ସ୍ୟଜୀବୀମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

**୧. ମତ୍ସ୍ୟଜୀବୀମାନଙ୍କ ସୁବିଧା ନିମନ୍ତେ ୨୦୧୧ ଅଧିସୂଚନାରେ କି କି ନୂତନ ବ୍ୟବସ୍ଥା ରହିଛି ?**

ଯେହେତୁ ମତ୍ସ୍ୟଜୀବୀମାନେ ପାରମ୍ପରିକ ଭାବେ ସମୁଦ୍ର ଉପକୂଳ ଅଞ୍ଚଳରେ ବସବାସ କରନ୍ତି, ସିଆରଜେଡ ଅଧିସୂଚନା, ୨୦୧୧ ପ୍ରସ୍ତୁତି ବେଳେ ସେମାନଙ୍କ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି ।

ଅଧିସୂଚନାରେ ଦର୍ଶାଯାଇଥିବା ଆଭିମୁଖ୍ୟ ଅନୁସାରେ "ଉପକୂଳ ଅଞ୍ଚଳରେ ବସବାସ କରୁଥିବା ମତ୍ସ୍ୟଜୀବୀ ଓ ଅନ୍ୟାନ୍ୟ ସ୍ଥାନୀୟ ବାସିନ୍ଦାଙ୍କ ଜୀବନଜୀବିକାର ସୁରକ୍ଷା ଏବଂ ପ୍ରାକୃତିକ ବିପର୍ଯ୍ୟୟ ଜନିତ ବିପଦ ଓ ବିଶ୍ୱ ତାପମାନ ବୃଦ୍ଧି ଯୋଗୁଁ ସମୁଦ୍ର ପତ୍ତନ ବୃଦ୍ଧି ଜନିତ ବିପଦକୁ ଦୃଷ୍ଟିରେ ରଖି ବୈଜ୍ଞାନିକ ପଦ୍ଧତିରେ ଚିରନ୍ତନ ବିକାଶ କରାଯିବା ।"

ମତ୍ସଜୀବୀମାନଙ୍କ ସମସ୍ୟା ସମାଧାନ ପାଇଁ ୨୦୧୧ ଅଧିସୂଚନାରେ ନିମ୍ନଲିଖିତ ବିଷୟମାନ ରହିଛି ।

(କ) ବାର ନଟିକାଲ ମାଇଲ ପର୍ଯ୍ୟନ୍ତ ଜଳଭାଗ ଓ ଜୁଆର ଦ୍ୱାରା ପ୍ରଭାବିତ ଜଳଭାଗକୁ ନିମ୍ନ ଉଦ୍ଦେଶ୍ୟ ରଖି ଉପକୂଳ ନିୟନ୍ତ୍ରଣ ମଣ୍ଡଳରେ ସାମିଲ କରାଯାଇଛି ।

- ପରିଶୋଧନ କରାଯାଇ ନଥିବା ନର୍ଦ୍ଦମା ପାଣି, ଆବର୍ଜନା ଓ କଠିନ ବର୍ଜ୍ୟବସ୍ତୁର ସମୁଦ୍ର ମଧକୁ ନିଷ୍କାସନକୁ ନିୟନ୍ତ୍ରଣ କରିବା । ଏହି କାର୍ଯ୍ୟ ଦ୍ୱାର ମତ୍ସ୍ୟସମ୍ପଦ ଓ ସେମାନଙ୍କ ପରିବେଶ ବିପଦାପନ୍ନ ହୋଇଥାଏ;
- ସାମୁଦ୍ରିକ ଅଞ୍ଚଳରେ ଥିବା ବିଭିନ୍ନ ଆବାସସ୍ଥଳୀ ଯଥା ପ୍ରବାଳ, ପ୍ରବାଳ ଦ୍ୱୀପ ତଥା ତତ୍‌ସଂକ୍ରାନ୍ତୀୟ ଜୈବ ବିବିଧତା, ସାମୁଦ୍ରିକ ଅଭୟାରଣ୍ୟ ଓ ଜୈବମଣ୍ଡଳ, ସମୁଦ୍ର ତୃଣ ପ୍ରାନ୍ତର ଆଦିର ସୁରକ୍ଷା ଏବଂ ସଂରକ୍ଷଣ କରାଯିବା । ଏହା ମତ୍ସ୍ୟମାନଙ୍କ ପାଇଁ ବଢ଼ିବା ସ୍ଥାନ, ଅଣ୍ଡାଦେବା ସ୍ଥାନ ଓ ବାସସ୍ଥଳୀ ଭାବେ କାର୍ଯ୍ୟ କରିଥାଏ;
- ମାଛଧରା ଓ ଆନୁସଙ୍ଗିକ କାର୍ଯ୍ୟ ଉପରେ ଗଭୀର ପ୍ରଭାବ ପକାଉଥିବା ବିଭିନ୍ନ କାର୍ଯ୍ୟ ଯଥା ଖୋଦନ, ବାଲି ଖନନ, ଜାହାଜରୁ ଆବର୍ଜନା ନିଷ୍କାସନ, ଜଳରୋଧ ପ୍ରାଚୀର ଓ ତରଙ୍ଗରୋଧି କାନ୍ଥ ନିର୍ମାଣ ଆଦିକୁ ନିୟନ୍ତ୍ରଣ କରିବା ;
- ମତ୍ସ୍ୟଜୀବୀଙ୍କ ଜୀବନଜୀବିକା ଓ ସମ୍ପତ୍ତି ଉପରେ ଗଭୀର ପ୍ରଭାବ ପକାଉଥିବା ଜଳବାୟୁ ପରିବର୍ତ୍ତନ ଓ ବିପର୍ଯ୍ୟୟ ଉପରେ ଗବେଷଣା କରାଯିବା ।

ଏକଥା ଉଲ୍ଲେଖ କରାଯାଇପାରେ ଯେ ଏହି ଅଞ୍ଚଳରେ **ପାରମ୍ପରିକ ମତ୍ସ୍ୟଜୀବୀମାନଙ୍କର ମାଛଧରା ତଥା ଆନୁସଙ୍ଗିକ କାର୍ଯ୍ୟ ଉପରେ କୌଣସି ଅଙ୍କୁଶ ଲଗାଯାଇ ନାହିଁ ।**

(ଖ) ମନୁଷ୍ୟକୃତ କାର୍ଯ୍ୟମାନଙ୍କ ଦ୍ୱାରା ହେଉଥିବା ଅବକ୍ଷୟ ଯୋଗୁଁ ଦେଶର ବିଭିନ୍ନ ଉପକୂଳରେ ଥିବା ମତ୍ସ୍ୟଜୀବୀ ଏବଂ ସେମାନଙ୍କ ବାସସ୍ଥାନ ବିପଦାପନ୍ନ ହେଉଛି । ଉପକୂଳକୁ ଅତି ଅବକ୍ଷୟ ଶ୍ରେଣୀ, ମଧମ ଅବକ୍ଷୟ ଶ୍ରେଣୀ ଓ ସାଧାରଣ ଶ୍ରେଣୀରେ ବିଭକ୍ତ କରି ଏବଂ ଏହାକୁ ଚିହ୍ନଟ କରାଯାଇ ଉପକୂଳ ଅଞ୍ଚଳରେ ଘଟୁଥିବା ଏହି ମନୁଷ୍ୟକୃତ କାର୍ଯ୍ୟକୁ ନିୟନ୍ତ୍ରଣ କରାଯିବ ।

(ଗ) ଉପକୂଳ ମଣ୍ଡଳ ପରିଚାଳନା ଯୋଜନା ପ୍ରସ୍ତୁତ କରାଯିବାବେଳେ ମତ୍ସ୍ୟଜୀବୀମାନଙ୍କ ପାଇଁ ଆବଶ୍ୟକ ହେଉଥିବା ଭିତ୍ତିଭୂମି ଚିହ୍ନଟ କରିବାକୁ ହେବ । ଜଳଭାଗରେ ମାଛଧରା ଅଞ୍ଚଳ ଓ ମତ୍ସ୍ୟ ପ୍ରଜନନ ସ୍ଥାନ ମଧ ନିର୍ଣ୍ଣୟ କରିବାକୁ ପଡ଼ିବ ।

(ଘ) ୨୦୧୧ ଅଧିସୂଚନା ଅନୁସାରେ ଉପକୂଳ ମଣ୍ଡଳ ପରିଚାଳନା ଯୋଜନା ପ୍ରସ୍ତୁତ କରିବା ବେଳେ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷମାନେ ସମ୍ପୃକ୍ତ ପକ୍ଷମାନଙ୍କ ଠାରୁ ମତାମତ ଆହ୍ୱାନ କରିବେ । ଉପକୂଳ ମଣ୍ଡଳ ପରିଚାଳନା ଯୋଜନା ପ୍ରସ୍ତୁତିବେଳେ ମତ୍ସ୍ୟଜୀବୀ ଓ ସ୍ଥାନୀୟ

ବାସିନ୍ଦାମାନେ ପ୍ରଥମ ଥର ପାଇଁ ସେମାନଙ୍କ ମତ ଦେବାର ସୁଯୋଗ ପାଇବେ ବୋଲି ନିଶ୍ଚିତ କରାଇବେ ।

(ଙ) ସିଆରଜେଡ-୩ ଅଞ୍ଚଳରେ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ପାଇଁ ଭିତ୍ତିଭୂମି ନିର୍ମାଣ ନିମନ୍ତେ ଏହି ଅଧିସୂଚନା ଅନୁମତି ପ୍ରଦାନ କରିଛି ।

(ଚ) ସ୍ଥାନୀୟ ସହରାଞ୍ଚଳ ବା ଗ୍ରାମାଞ୍ଚଳର ନିୟମ ଅନୁସାରେ ମତ୍ସ୍ୟଜୀବୀଙ୍କ ସମେତ ସ୍ଥାନୀୟ ବାସିନ୍ଦାଙ୍କ ଗୃହ ମରାମତି ଓ ପୁନଃନିର୍ମାଣ ପାଇଁ ଅନୁମତି ପ୍ରଦାନ କରାଯାଇ ପାରିବ ।

(ଛ) ସିଆରଜେଡ-୩ ଅଞ୍ଚଳରେ ୦ ରୁ ୨୦୦ ମିଟର ବିକାଶ ନିଷିଦ୍ଧ ଅଞ୍ଚଳ ହୋଇଥିଲେ ମଧ ଉପକୂଳ ଅଞ୍ଚଳରେ ପାରମ୍ପରିକ ଭାବେ ବସବାସ କରୁଥିବା ଗୋଷ୍ଠୀ ତଥା ମତ୍ସ୍ୟଜୀବୀଙ୍କ ଦାବୀ ଅନୁସାରେ ବିକାଶ ନିଷିଦ୍ଧ ଅଞ୍ଚଳକୁ ୦ ରୁ ୧୦୦ ମିଟରକୁ କମାଇ ଦିଆଯାଇଛି । ତେଣୁ ଉଚ୍ଚ ଜୁଆର ରେଖାର ୧୦୦ ରୁ ୨୦୦ ମିଟର ମଧ୍ୟରେ, ରାଜ୍ୟ ସରକାର ଏବଂ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ଅନୁମତି ନେଇ, ଏହି ଗୋଷ୍ଠୀମାନଙ୍କର ଗୃହ ନିର୍ମାଣ କରାଯାଇପାରିବ ।

**୨. ରାଜ୍ୟ ଅନୁସାରେ ମତ୍ସ୍ୟଜୀବୀମାନଙ୍କ ପାଇଁ ୨୦୧୧ ଅଧିସୂଚନାରେ କି କି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ରହିଛି ?**

ମହାରାଷ୍ଟ୍ର, ଗୋଆ, କେରଳ ଉପକୂଳ, ସୁନ୍ଦରବନ ଏବଂ ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ଅନ୍ୟ ଅଞ୍ଚଳରେ ବସବାସ କରୁଥିବା ମତ୍ସ୍ୟଜୀବୀମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

**ବୃହତ୍ ମୁମ୍ବାଇ** : ବୃହତ୍ ମୁମ୍ବାଇରେ ବସବାସ କରୁଥିବା ପାରମ୍ପରିକ ମତ୍ସ୍ୟଜୀବୀ (ଯଥା କୋଲିଓ୍ୱାଡାସ)ଙ୍କ ପାଇଁ ସ୍ୱତନ୍ତ୍ର ନିୟମ ରଖାଯାଇଛି । ସଂପୃକ୍ତ ଅଞ୍ଚଳକୁ ଚିହ୍ନିତ କରି ସିଆରଜେଡ-୩ ଅଞ୍ଚଳ ଘୋଷଣା କରାଯିବ । ସ୍ଥାନୀୟ ନଗର ଅଞ୍ଚଳ ବା ଗ୍ରାମାଞ୍ଚଳର ନିୟମ ଅନୁସାରେ ନିର୍ମାଣ, ପୁନଃନିର୍ମାଣ ସମେତ ଅନ୍ୟାନ୍ୟ ବିକାଶ କାର୍ଯ୍ୟ କରାଯିବ ।

**ଗୋଆ :** ଗୋଆ ଉପକୂଳରେ ଥିବା ସମସ୍ତ ମତ୍ସ୍ୟଜୀବୀ ଗ୍ରାମକୁ ଗୋଆ ସରକାର ସର୍ଭେ କରି ମାନଚିତ୍ର ପ୍ରସ୍ତୁତ କରିବେ । ମାଛଧରା ଏବଂ ତତ୍ ସଂକ୍ରାନ୍ତୀୟ କାର୍ଯ୍ୟ ପାଇଁ ସମସ୍ତ ସୁବିଧାସୁଯୋଗ ଯୋଗାଇ ଦିଆଯିବ । ସିଆରଜେଡ ୧୯୯୧ ଅଧିସୂଚନା ଅନୁସାରେ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନ ନେଇ ସ୍ଥାନୀୟ ଲୋକଙ୍କ ଦ୍ୱାରା ଉପକୂଳ ନିୟନ୍ତ୍ରଣ ମଣ୍ଡଳରେ କରାଯାଇଥିବା ଗୃହ ସଂପ୍ରସାରଣ/ନିର୍ମାଣ/ ମରାମତି କାର୍ଯ୍ୟକୁ ଆଇନ ଉଲ୍ଲଙ୍ଘନ ବୋଲି ବିବେଚନା କରାଯାଇଛି । ଏହିପରି ଘରଗୁଡ଼ିକୁ (ପ୍ରାୟ ୫୦୦୦) ଭାଙ୍ଗିଦେବା ପାଇଁ ମାନ୍ୟବର ବମ୍ବେ ଉଚ୍ଚ ନ୍ୟାୟାଳୟ ଆଦେଶ ପ୍ରଦାନ କରିଛନ୍ତି । ତେବେ, ୨୦୧୧ ଅଧିସୂଚନା ଅନୁସାରେ ସିଆରଜେଡ ଅଞ୍ଚଳରେ ସ୍ଥାନୀୟ ବାସିନ୍ଦାଙ୍କ ଗୃହ ନିର୍ମାଣ ଓ ମରାମତି କାର୍ଯ୍ୟ ପାଇଁ ଅନୁମତି ପ୍ରଦାନ କରାଯାଇ ପାରିବ ।

**କେରଳ :** କେରଳରେ ଉପକୂଳ ନିୟନ୍ତ୍ରଣ ମଣ୍ଡଳକୁ ଉଚ୍ଚ ଜୁଆର ରେଖାର ଭୂଭାଗ ଦିଗରେ ୫୦ ମିଟର ପର୍ଯ୍ୟନ୍ତ ସଂକୁଚିତ କରି ଦିଆଯାଇଛି । ଏହି ଅଞ୍ଚଳ 'ବିକାଶ ନିଷିଦ୍ଧ ଅଞ୍ଚଳ' ଅଟେ, ଅର୍ଥାତ୍ ଏଠାରେ କୌଣସି ନିର୍ମାଣ କାର୍ଯ୍ୟ କରାଯାଇ ପାରିବ ନାହିଁ । ତଥାପି ଏହି ଅଞ୍ଚଳରେ ଥିବା ସ୍ଥାନୀୟ ଗୋଷ୍ଠୀମାନଙ୍କର ଗୃହ ମରାମତି ବା ପୁନଃନିର୍ମାଣ କାର୍ଯ୍ୟ କରାଯାଇ ପାରିବ । ଆବଶ୍ୟକୀୟ ସୁବିଧାସୁଯୋଗ ସୃଷ୍ଟି ଯଥା ମାଛଧରା ଜେଟି, ମାଛ ଶୁଖାଇବା ପ୍ରାଙ୍ଗଣ, ଜାଲ ମରାମତି ସ୍ଥାନ, ପାରମ୍ପରିକ ପଦ୍ଧତିରେ ମତ୍ସ୍ୟ ପ୍ରକ୍ରିୟାକରଣ, ଡଙ୍ଗା ନିର୍ମାଣ ସ୍ଥାନ, ବରଫ କଳ, ଡଙ୍ଗା ମରାମତି ବ୍ୟବସ୍ଥା ଆଦି ସମୁଦ୍ରର ୦ ରୁ ୫୦ ମିଟର ମଧରେ ନିର୍ମାଣ କରାଯାଇପାରିବ । ଉଚ୍ଚ ଜୁଆର ରେଖାର ଭୂଭାଗ ଆଡ଼କୁ ୫୦ ମିଟର ବାହାରେ ସ୍ଥାନୀୟ ଗୋଷ୍ଠୀମାନେ ପଞ୍ଚାୟତରୁ ଅନୁମତି ନେଇ ସେମାନଙ୍କ ଗୃହ ନିର୍ମାଣ କରିପାରିବେ ।

**ସୁନ୍ଦରବନ :** ସୁନ୍ଦରବନ ଏବଂ ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ଅନ୍ୟ ଅଞ୍ଚଳରେ ବିକାଶ କାର୍ଯ୍ୟର ନିୟନ୍ତ୍ରଣ ପାଇଁ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ଉପକାର ପାଇଁ ଏହି ଅଞ୍ଚଳର ସଂରକ୍ଷଣ ଓ ସୁରକ୍ଷା ନିମନ୍ତେ ସ୍ଥାନୀୟ ଗୋଷ୍ଠୀମାନଙ୍କ ସହ ବିଚାରବିମର୍ଷ କରି ଏକ ସମନ୍ୱିତ ପରିଚାଳନା ଯୋଜନା ପ୍ରସ୍ତୁତ କରିବାକୁ ହେବ । ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ଏହି ଅଞ୍ଚଳରେ ବସବାସ କରୁଥିବା ମତ୍ସ୍ୟଜୀବୀ ତଥା ସ୍ଥାନୀୟ ଗୋଷ୍ଠୀଙ୍କ ବାସଗୃହ ଆବଶ୍ୟକତା ପୂରଣ ନିମନ୍ତେ ଏହି ସମନ୍ୱିତ ପରିଚାଳନା ଯୋଜନାରେ ବ୍ୟବସ୍ଥା ହେବା ଆବଶ୍ୟକ ।

## ଘ. ପ୍ରଦୂଷଣ ରୋକିବା ପାଇଁ ପଦକ୍ଷେପ

### ୧. ଉପକୂଳବର୍ତ୍ତୀ ଅଞ୍ଚଳ / ଉପକୂଳବର୍ତ୍ତୀ ଜଳଭାଗରେ ପ୍ରଦୂଷଣ ରୋକିବା ପାଇଁ ୨୦୧୧ ଅଧିସୂଚନାରେ କି କି ବ୍ୟବସ୍ଥା ରହିଛି ?

ଉପକୂଳବର୍ତ୍ତୀ ଅଞ୍ଚଳ / ଉପକୂଳବର୍ତ୍ତୀ ଜଳଭାଗରେ ପ୍ରଦୂଷଣ ରୋକିବା ପାଇଁ ପଦକ୍ଷେପ ନେବା ବିଷୟ ୨୦୧୧ ଅଧିସୂଚନାରେ ଲିପିବଦ୍ଧ କରାଯାଇଛି । ଉପକୂଳବର୍ତ୍ତୀ ଜଳରେ ଆବର୍ଜନା ଓ ବର୍ଜ୍ୟବସ୍ତୁ ନିଷ୍କାସନକୁ ନିଷେଧ କରାଯାଇଛି । ସମସ୍ତ ଉପକୂଳବର୍ତ୍ତୀ ରାଜ୍ୟ ଏକଥା ନିଶ୍ଚିତ କରିବେ ଯେ :

- ସଂପ୍ରତି ପ୍ରଚଳିତ କାର୍ଯ୍ୟ ଯଥା ପରିଶୋଧନ କରାଯାଇ ନଥିବା ଆବର୍ଜନା ଓ ବର୍ଜ୍ୟବସ୍ତୁ ନିଷ୍କାସନ କାର୍ଯ୍ୟକୁ ଦୁଇବର୍ଷ ମଧରେ ବନ୍ଦ କରାଯିବ;
- ଅଧିସୂଚନା ଜାରି ହେବାର ଏକ ବର୍ଷ ମଧରେ କଠିନ ବର୍ଜ୍ୟବସ୍ତୁ ଜମା କରିବା କାର୍ଯ୍ୟ ବନ୍ଦ କରାଯିବ;
- ଉପକୂଳବର୍ତ୍ତୀ ଅଞ୍ଚଳ ଏବଂ ଜଳଭାଗରେ ପ୍ରଦୂଷଣ କମାଇବା ପାଇଁ ସମୟଭିତ୍ତିକ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯିବ;

- ବୈଷୟିକ ଏବଂ ଅର୍ଥନୈତିକ ସହାୟତା ପାଇବା ପାଇଁ ଏହି କାର୍ଯ୍ୟଖସଡ଼ା ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ନିକଟରେ ଦାଖଲ କରାଯିବ ।

## ଙ. ମଞ୍ଜୁରୀ ପ୍ରଦାନ ପ୍ରକ୍ରିୟା

### ୧. ମଞ୍ଜୁରୀ ପ୍ରଦାନ ନିମନ୍ତେ ୨୦୧୧ ଅଧିସୂଚନାରେ କି ପ୍ରକ୍ରିୟା ଦର୍ଶାଯାଇଛି ?

୧୯୯୧ ଅଧିସୂଚନାରେ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅନୁମୋଦନ ପାଇବା ପାଇଁ କୌଣସି ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଦର୍ଶାଯାଇ ନଥିଲା । କିନ୍ତୁ ୨୦୧୧ ଅଧିସୂଚନାରେ ଅନୁମୋଦନ ସଂକ୍ରାନ୍ତୀୟ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ବିଷୟରେ ଉଲ୍ଲେଖ ଅଛି । ଏହି ପ୍ରକ୍ରିୟା ହେଲା :

(କ) ନିମ୍ନଲିଖିତ ଦଲିଲ/ରିପୋର୍ଟ ସହିତ ପ୍ରକଳ୍ପ କର୍ତ୍ତୃପକ୍ଷମାନେ ସମ୍ପୃକ୍ତ ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳର ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷଙ୍କ ନିକଟରେ ନିଜ ପ୍ରସ୍ତାବ ଦାଖଲ କରିବେ ।

- ଫର୍ମ-୧ (ଅଧିସୂଚନାର ପରିଶିଷ୍ଟ ୪) ;
- ସାମୁଦ୍ରିକ ଏବଂ ସ୍ଥଳଭାଗର ପରିବେଶ ପ୍ରଭାବ ଆକଳନ (EIA) ସହିତ ତ୍ୱରିତ ପରିବେଶ ପ୍ରଭାବ ଆକଳନ ରିପୋର୍ଟ । ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଦ୍ୱାରା ବିଭିନ୍ନ ସମୟରେ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁସାରେ ବନ୍ଦର ଏବଂ ଉପକୂଳର ପ୍ରକଳ୍ପ ପାଇଁ ପରିବେଶ ପ୍ରଭାବ ଆକଳନ ଓ ନିୟମିତ ଅନୁଧାନ ରିପୋର୍ଟ ।
- ବିପର୍ଯ୍ୟୟ ପରିଚାଳନା ରିପୋର୍ଟ ଏବଂ ଆଶଙ୍କା ପରିଚାଳନା ରିପୋର୍ଟ ;
- କୌଣସି ପ୍ରାଧିକୃତ ସଂସ୍ଥା ଦ୍ୱାରା ପ୍ରସ୍ତୁତ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ମାନଚିତ୍ର, ଯେଉଁଥିରେ ଉଚ୍ଚ ଜୁଆର ରେଖା ଏବଂ ନିମ୍ନ ଜୁଆର ରେଖା ଦର୍ଶାଯାଇଥିବ (୧ : ୪୦୦୦ ସ୍କେଲ୍) ;
- ଉପରୋକ୍ତ ମାନଚିତ୍ର ଉପରେ ଅଙ୍କା ଯାଇଥିବା ପ୍ରକଳ୍ପର ନକ୍ସା ;
- ସାଧାରଣ ଭାବେ ପ୍ରକଳ୍ପ ସ୍ଥାନର ସାତ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଥିବା ଉପକୂଳ ନିୟନ୍ତ୍ରଣ ମଣ୍ଡଳ ମାନଚିତ୍ର ;
- ଉପକୂଳ ନିୟନ୍ତ୍ରଣ ମଣ୍ଡଳ (ସିଆର୍‌ଜେଡ୍) ମାନଚିତ୍ରରେ ସିଆର୍‌ଜେଡ୍-୧, ୨, ୩ ଓ ୪ ଅଞ୍ଚଳ ଦର୍ଶାଯାଇଥିବ ;
- ସମ୍ପୃକ୍ତ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ବା କମିଟିରୁ ପ୍ରକଳ୍ପ ପାଇଁ ଆପତ୍ତିବିହୀନ ପ୍ରମାଣପତ୍ର । ଏଥିରେ ଆବର୍ଜନା, କଠିନ ବର୍ଜ୍ୟବସ୍ତୁ ଓ ନର୍ଦ୍ଦମାପାଣି ନିଷ୍କାସନ ଆଦି ବ୍ୟବସ୍ଥା

ବିଷୟରେ ଉଲ୍ଲେଖ ରହିଥିବ । (ଉପକୂଳବର୍ତ୍ତୀ ଜଳଭାଗରେ ପ୍ରଦୂଷଣ ହ୍ରାସ କରିବା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ବା କମିଟି ଠାରୁ ଆପତ୍ତିବିହୀନ ପ୍ରମାଣପତ୍ର ଆଣିବା ବାଧ୍ୟତାମୂଳକ କରାଯାଇଛି )।

(ଖ) ଉପକୂଳ ମଣ୍ଡଳ ପରିଚାଳନା ଯୋଜନା ଓ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା ଆଧାରରେ ସଂପୃକ୍ତ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷ ଉପରୋକ୍ତ ଦଲିଲମାନଙ୍କର ପରୀକ୍ଷା କରିବେ ଏବଂ ଉପରୋକ୍ତ ଦଲିଲ ଗ୍ରହଣ କରିବାର ଷାଠିଏ ଦିନ ମଧ୍ୟରେ ନିମ୍ନ ସ୍ଥାନକୁ ସୁପାରିଶ ପ୍ରଦାନ କରିବେ ।

- ପରିବେଶ ପ୍ରଭାବ ଆକଳନ (ଇଓଇ) ଅଧିସୂଚନା, ୨୦୦୬ ପରିସରରେ ଆସୁଥିବା ପ୍ରକଳ୍ପ ପାଇଁ ରାଜ୍ୟ ପରିବେଶ ଅନୁମୋଦନ କମିଟି (ଝଇଇଉ) ବା ପରିବେଶ ଅନୁମୋଦନ କମିଟି (ଇଇଉ);
- ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା ପରିସରରେ ଆସୁଥିବା ପ୍ରକଳ୍ପ ପାଇଁ ରାଜ୍ୟ ସରକାର ବା ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ।

(ଗ) ସଂପୃକ୍ତ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷ ( CZMA)ର ସୁପାରିଶ ଭିତ୍ତିରେ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ବା ରାଜ୍ୟ ସରକାର ଷାଠିଏ ଦିନ ମଧ୍ୟରେ ଏହି ପ୍ରକଳ୍ପ ଉପରେ ବିଚାର କରି ନିଷ୍ପତ୍ତି ଗ୍ରହଣ କରିବେ ।

**୨. ଏହି ଅନୁମତି ପତ୍ର କେତେଦିନ ପାଇଁ ବଳବତ୍ତର ରହିବ ?**

୨୦୧୧ ଅଧିସୂଚନା ଅଧିନରେ ପ୍ରକଳ୍ପକୁ ମିଳିଥିବା ଅନୁମତି ପତ୍ର ଏହା ଜାରି ହେବାର ପାଞ୍ଚ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିପାରିବ ।

**୩. ମଞ୍ଜୁରୀ ପ୍ରଦାନ ପରେ ତଦାରଖ କରିବା ପାଇଁ କି ବ୍ୟବସ୍ଥା ରହିଛି ?**

୨୦୧୧ ଅଧିସୂଚନା ଅନୁସାରେ ପ୍ରକଳ୍ପ କାର୍ଯ୍ୟ ପାଇଁ ଥରେ ମଞ୍ଜୁରୀ ପ୍ରଦାନ କରାଗଲେ, ନିମ୍ନଲିଖିତ କାର୍ଯ୍ୟମାନ ଆରମ୍ଭ ହୋଇଥାଏ ।

- ପରିବେଶ ମଞ୍ଜୁରୀ ପାଇଁ ଦିଆଯାଇଥିବା ନିୟମାବଳୀ ପାଳନ କରାଯାଉଛି ବୋଲି ପ୍ରକଳ୍ପ ପରିଚାଳନା କର୍ତ୍ତୃପକ୍ଷଙ୍କଠାରୁ ପ୍ରତିବର୍ଷ ଜୁନ୍ ମାସ ୧ ତାରିଖ ଓ ଡିସେମ୍ବର ମାସ ୩୧ ତାରିଖରେ ମୁଦ୍ରିତ ଏବଂ କମ୍ପ୍ୟୁଟରୀକୃତ ଷାଣ୍ମାଷିକ ରିପୋର୍ଟ ସଂପୃକ୍ତ ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବା ବାଧ୍ୟତାମୂଳକ ଅଟେ ;
- ପ୍ରକଳ୍ପ ପରିଚାଳନା କର୍ତ୍ତୃପକ୍ଷଙ୍କଠାରୁ ମିଳିଥିବା ଏ ସମସ୍ତ ଅଙ୍ଗୀକୃତ ରିପୋର୍ଟ ସର୍ବସାଧାରଣଙ୍କ ପାଇଁ ଉନ୍ମୁକ୍ତ ରହିବ ;

- ଯେ କୌଣସି ବ୍ୟକ୍ତି ସଂପୃକ୍ତ ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କୁ ଦରଖାସ୍ତ କଲେ, ଏହି ଦଲିଲର ନକଲ ପାଇପାରିବେ ;
- ସର୍ବଶେଷ ଅଙ୍ଗୀକୃତ ଦଲିଲକୁ ସଂପୃକ୍ତ ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କର ୱେବସାଇଟରେ ପ୍ରଦର୍ଶିତ କରାଯିବ । ମଞ୍ଜୁରୀ ପ୍ରଦାନ କରା ଯିବାର ପାଞ୍ଚବର୍ଷ ପର୍ଯ୍ୟନ୍ତ ଏହା ବୈଧ ରହିବ ।

## ଚ. ପ୍ରବର୍ତ୍ତନ ପାଇଁ ପଦକ୍ଷେପ

### ୧. ଉପଯୁକ୍ତ ଭାବେ ନିୟମ ପ୍ରବର୍ତ୍ତନ ପାଇଁ ୨୦୧୧ ଅଧିସୂଚନାରେ କି ବ୍ୟବସ୍ଥା ରହିଛି ?

ନିୟମକୁ କିପରି କାର୍ଯ୍ୟକାରୀ କରାଯିବ ସେ ବିଷୟରେ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା, ୧୯୯୧ରେ ଉଲ୍ଲେଖ କରାଯାଇ ନଥିଲା । ଏହା ଅଧିସୂଚନାର ଏକ ବଡ଼ ଦୁର୍ବଳତା ଏବଂ ଏହା ବହୁ ସଂଖ୍ୟାରେ ନିୟମ ଉଲ୍ଲଙ୍ଘନର ପ୍ରମୁଖ କାରଣ ପାଲଟିଗଲା। ଅଧିସୂଚନାକୁ ଉଲ୍ଲଙ୍ଘନ କରାଗଲେ କେଉଁ ଢଙ୍ଗରେ ଏବଂ କେତେ ସମୟ ମଧରେ ପଦକ୍ଷେପ ଗ୍ରହଣ କରାଯିବ, ତାହା ସିଆରଜେଡ଼ ଅଧିସୂଚନା, ୨୦୧୧ରେ ଉଲ୍ଲେଖ ରହିଛି । ନିର୍ଦ୍ଦିଷ୍ଟ ସମୟସୀମା ମଧରେ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ତରଫରୁ ରାଜ୍ୟସ୍ତରରେ ଥିବା ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷ ଓ କେନ୍ଦ୍ର ସ୍ତରରେ ରହିଥିବା ଜାତୀୟ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷକୁ ସଶକ୍ତୀକରଣ କରାଯିବା ସହିତ ସେମାନଙ୍କ ଦକ୍ଷତା ବୃଦ୍ଧି କରାଯିବ । ଫଳରେ ଅଧିସୂଚନାକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରାଯାଇପାରିବ । ଉପଯୁକ୍ତ ମାନଚିତ୍ର, ଉପଗ୍ରହ ଚିତ୍ର ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବ୍ୟବହାର କରି ୨୦୧୧ ଅଧିସୂଚନା ଜାରି ହେବାର ଚାରିମାସ ମଧରେ ନିୟମ ଉଲ୍ଲଙ୍ଘନକୁ ଚିହ୍ନଟ କରାଯିବ ଏବଂ ଏହାର ଚାରି ମାସ ମଧରେ ପରିବେଶ (ସୁରକ୍ଷା) ଆଇନ୍, ୧୯୮୬ ଅନୁସାରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ।

### ୨. ସ୍ୱଚ୍ଛତା ବଜାୟ ରଖିବା ପାଇଁ ଅନ୍ୟ କି ପଦକ୍ଷେପ ଗ୍ରହଣ କରାଯାଇଛି ?

କାର୍ଯ୍ୟରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷ ଗୋଟିଏ ୱେବସାଇଟ ସୃଷ୍ଟି କରି ଏଥିରେ ବିଭିନ୍ନ କାର୍ଯ୍ୟକ୍ରମ, ବିବରଣୀ, ଗ୍ରହଣ କରାଯାଇଥିବା ନିଷ୍ପତ୍ତି, ମଞ୍ଜୁରୀପ୍ରଦାନ ପତ୍ର, ନିୟମ ଉଲ୍ଲଙ୍ଘନ, ଗ୍ରହଣ କରାଯାଇଥିବା ପଦକ୍ଷେପ, ବିଚାରଧୀନ ଥିବା କେସ୍ ତଥା ଉପକୂଳ ମଣ୍ଡଳ ପରିଚାଳନା ଯୋଜନା ଆଦି ବିଷୟ ଉପଲବ୍ଧ କରାଇବେ । (ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା, ୧୯୯୧ ରେ ଏହି ବ୍ୟବସ୍ଥା ନଥିଲା ।)

## ଛ. ନିର୍ଦ୍ଦିଷ୍ଟ ଉପକୂଳ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

### ୧. ସ୍ୱତନ୍ତ୍ର ଅଞ୍ଚଳ ଭାବେ ଘୋଷଣା କରିବା ପାଇଁ କେଉଁ ବିଷୟ ବିଚାରକୁ ନିଆଯାଇଥାଏ ?

ପରିବେଶଗତ ବିବିଧତା, ସାମାଜିକ-ଅର୍ଥନୈତିକ ଅବସ୍ଥା, ବିକାଶଜନିତ ଚାପର ପ୍ରଭେଦ ସତ୍ତ୍ୱେ ୧୯୯୧ ଅଧିସୂଚନାରେ ଦେଶର ସମସ୍ତ ଉପକୂଳ ଅଞ୍ଚଳ ପାଇଁ ଏକା ପ୍ରକାରର ନିୟମ ରହିଥିଲା । କିନ୍ତୁ ୨୦୧୧ ଅଧିସୂଚନାରେ ସ୍ଥାନୀୟ ବାସିନ୍ଦାଙ୍କ ବିବିଧ ସମସ୍ୟାକୁ ଆଖି ଆଗରେ ରଖି କେତେକ ସ୍ୱତନ୍ତ୍ର ନିୟମ ରଖାଯାଇଛି । ଏମାନଙ୍କ ମଧ୍ୟରେ ମୁମ୍ବାଇର ପୁରାତନ ଓ ଅସୁରକ୍ଷିତ କୋଠାବାଡ଼ି ମାନଙ୍କରେ ବସବାସ କରୁଥିବା ଲୋକ, ବସ୍ତିବାସିନ୍ଦା, କେରଳର ଆବଦ୍ଧ ଜଳରାଶି ଅଞ୍ଚଳରେ ଥିବା ଦ୍ୱୀପପୁଞ୍ଜରେ ରହୁଥିବା ଲୋକ, ଗୋଆ ଉପକୂଳରେ ବସବାସ କରୁଥିବା ସ୍ଥାନୀୟ ଗୋଷ୍ଠୀ ଏବଂ ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ସୁନ୍ଦରବନ ଅଞ୍ଚଳରେ ବସବାସ କରୁଥିବା ଗୋଷ୍ଠୀ ଇତ୍ୟାଦି ଅଛନ୍ତି ।

### ୨. ବୃହତ୍ ମୁମ୍ବାଇ ପାଇଁ ସ୍ୱତନ୍ତ୍ର ସୁବିଧା କଣ ରହିଛି ?

ମୁମ୍ବାଇ କେତେକ ସ୍ୱତନ୍ତ୍ର ପରିବେଶଗତ ଏବଂ ସାମାଜିକ ସମସ୍ୟା ସମ୍ମୁଖୀନ ହେଉଥିବା କଥା ଦୃଷ୍ଟିରେ ରଖି ଏଥିପାଇଁ ନିମ୍ନଲିଖିତ ବ୍ୟବସ୍ଥା ରଖାଯାଇଛି ।

**(କ) ସିଆର୍‌ଜେଡ୍- ୧ ଅଞ୍ଚଳ**

- ସମସ୍ତ ଅନୁମୋଦିତ ରାସ୍ତା ଏବଂ ଯୋଗାଯୋଗ ପଥକୁ ଖମ୍ବ ଉପରେ ନିର୍ମାଣ କରାଯିବ, ଯେପରି ଜୁଆରର ଗତି ବାଧାପ୍ରାପ୍ତ ହେବନାହିଁ ।
- ଉପରୋକ୍ତ ନିର୍ମାଣ କାର୍ଯ୍ୟ ପାଇଁ ନଷ୍ଟ କରାଯାଉଥିବା ବା କଟାଯାଉଥିବା ହେନ୍ତାଳବଣର ପାଞ୍ଚଗୁଣ ପୁନଃରୋପଣ କରାଯିବ ।
- ଅଧିସୂଚନା ଜାରି ହେବାର ଏକ ବର୍ଷ ମଧରେ ସମସ୍ତ ହେନ୍ତାଳ ବନ ଅଞ୍ଚଳର ମାନଚିତ୍ର ପ୍ରସ୍ତୁତ କରି ଏହାକୁ ବିଜ୍ଞପିତ କରାଯିବ ଏବଂ ସଂରକ୍ଷଣ କାର୍ଯ୍ୟ ଆରମ୍ଭ କରାଯିବ । ଉପକୂଳ ନିୟନ୍ତ୍ରଣ ମଣ୍ଡଳ ବାହାରେ କଠିନ ବର୍ଜ୍ୟବସ୍ତୁ ଜମାହେବା ପାଇଁ ସ୍ଥାନ ଚିହ୍ନଟ କରାଯିବ । ବିପଦରେଖାର ସମୁଦ୍ର ଆଡ଼କୁ ଥିବା ଜନବସତି ଏବଂ କୋଠାବାଡ଼ିର ସୁରକ୍ଷାପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ।

**(ଖ) ସି ଆର୍ ଜେଡ୍ -୨ ଅଞ୍ଚଳ**

- ପ୍ରକଳ୍ପକୁ ମଞ୍ଜୁରୀ ଦିଆଯିବା ତାରିଖରେ ପ୍ରଚଳିତ ସହରାଞ୍ଚଳ ବା ଗ୍ରାମାଞ୍ଚଳର ପ୍ଲାନିଂ ନିୟମ ଅନୁସାରେ ଚଟାଣ ଆୟତନ ମାନ ବା ଚଟାଣ ଆୟତନ ଅନୁପାତକୁ ଆଧାର କରି ରାଜ୍ୟ ସରକାର ସିଆର୍‌ଜେଡ୍ -୨ ଅଞ୍ଚଳରେ ବସ୍ତି ପୁନଃଉନ୍ନୟନ ଯୋଜନା କରିପାରିବେ । ତେବେ ଏହିଭଳି ପ୍ରକଳ୍ପରେ ରାଜ୍ୟ ସରକାର ବା ତାଙ୍କ ସଂସ୍ଥାର ଭାଗ ଶତକଡ଼ା ୫୧ ରୁ କମ୍ ହେବନାହିଁ ।

- ସିଆର୍‌ଜେଡ୍ -୨ ଅଞ୍ଚଳରେ ପୁରାତନ, ଜରାଜୀର୍ଣ୍ଣ ଏବଂ ଅସୁରକ୍ଷିତ ଗୃହମାନଙ୍କର ପୁନଃନିର୍ମାଣ ବା ପୁନଃବିକାଶକୁ ଅନୁମତି ପ୍ରଦାନ କରାଯିବ । ଏହିପରି କାର୍ଯ୍ୟ ଗୃହର ମାଲିକ ସିଧାସଳଖ ଭାବେ ବା ବେସରକାରୀ ବିଲ୍ଡରଙ୍କ ସହାୟତାରେ କରିପାରିବେ । ଏହି ସମସ୍ତ ନିର୍ମାଣ କାର୍ଯ୍ୟ ପ୍ରଚଳିତ ସହରାଞ୍ଚଳ ତଥା ଗ୍ରାମାଞ୍ଚଳ ପ୍ଲାନିଂ ନିୟମ ଅନୁସାରେ ଉପଯୁକ୍ତ କର୍ତ୍ତୃପକ୍ଷ ଅନୁମତି ପ୍ରଦାନ କରିବେ ।
- ବୃହତ୍ ମୁମ୍ବାଇରେ 'ସବୁଜ ଫୁସ୍‌ଫୁସ୍'ର ସୁରକ୍ଷା ଏବଂ ସଂରକ୍ଷଣ ନିମନ୍ତେ ସି ଆର୍ ଜେଡ୍ -୨ ଅଞ୍ଚଳରେ ଥିବା ଖାଲିସ୍ଥାନ, ପାର୍କ, ବଗିଚ୍ଚ, ଖେଳପଡ଼ିଆ ଆଦିକୁ ସିଆରଜେଡ୍-୩ ଅଞ୍ଚଳ ଅର୍ଥାତ୍ 'ବିକାଶ ନିଷିଦ୍ଧ ଅଞ୍ଚଳ' ରୂପେ ଶ୍ରେଣୀଭୁକ୍ତ କରାଯିବ । କେବଳ ଶତକଡ଼ା ୧୫ ଭାଗ ପର୍ଯ୍ୟନ୍ତ ଚଟାଣ ଆୟତନ ମାନ ଥିବା ସ୍ଥାନରେ ସାଧାରଣ ସୁବିଧା ଓ ଚିତ୍ତବିନୋଦନ କ୍ରୀଡ଼ା ନିମନ୍ତେ ନିର୍ମାଣ ପାଇଁ ଅନୁମତି ପ୍ରଦାନ କରାଯିବ । ଏହି ସ୍ଥାନକୁ ବାସଗୃହ ନିର୍ମାଣ ଏବଂ ବ୍ୟବସାୟିକ ବ୍ୟବହାର ପାଇଁ ନିଷେଧ କରାଯିବ ।
- ସିଆରଜେଡ୍-୨ ଅଞ୍ଚଳରେ ଥିବା ସ୍ଥାନୀୟ ଗୋଷ୍ଠୀମାନଙ୍କର ଗୃହ ପୁନଃନିର୍ମାଣ ଓ ମରାମତି ପାଇଁ ଉପଯୁକ୍ତ କର୍ତ୍ତୃପକ୍ଷ ପ୍ରାଥମିକତା ସହକାରେ ଅନୁମତି ପ୍ରଦାନ କରିବେ ।
- ମହାରାଷ୍ଟ୍ର ସରକାରଙ୍କ କୌଣସି ଯୁକ୍ତିଯୁକ୍ତ ଦଲିଲ୍ ବା ୧୯୮୧ ର ବିକାଶ ଯୋଜନାରେ ଚିହ୍ନିତ ତଥା କୋଲିୱାଡ଼ା ଆଦି ମତ୍ସ୍ୟ ସଂଗ୍ରହ ଅଞ୍ଚଳର ମାନଚିତ୍ର ପ୍ରସ୍ତୁତ କରି ଏହାକୁ ସିଆର୍‌ଜେଡ୍-୩ ଅଞ୍ଚଳ ଘୋଷଣା କରାଯିବ । ଫଳରେ ବାସଗୃହ ନିର୍ମାଣ, ପୁନଃନିର୍ମାଣ ବା ବିକାଶ କାର୍ଯ୍ୟ ସ୍ଥାନୀୟ ସହରାଞ୍ଚଳ ବା ଗ୍ରାମାଞ୍ଚଳ ପ୍ଲାନିଂ ନିୟମ ଅନୁସାରେ କରାଯାଇ ପାରିବ ।

### ୩. ବୃହତ୍ ମୁମ୍ବାଇରେ ଏହି ସ୍ୱତନ୍ତ୍ର ସୁବିଧାକୁ ଆଳ କରି ବେଆଇନ୍ କାର୍ଯ୍ୟ ନହେବାକୁ ନିଶ୍ଚିତ କରିବା ନିମନ୍ତେ କି ବ୍ୟବସ୍ଥା ରହିଛି ?

ମୁମ୍ବାଇର ବସ୍ତି ଅଞ୍ଚଳ ଓ ଜରାଜୀର୍ଣ୍ଣ ଗୃହର ପୁନଃନିର୍ମାଣ କାର୍ଯ୍ୟ ସ୍ୱଚ୍ଛତା ସହକାରେ ଓ ଉତ୍ତରଦାୟୀ ଭିତ୍ତିରେ ହେବା ନିମେନ୍ତ ନିମ୍ନଲିଖିତ ବ୍ୟବସ୍ଥା କରାଯାଇଛି ।

- ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ମଞ୍ଜୁରୀ ପ୍ରାପ୍ତ ପୁନଃବିକାଶ ବା ପୁନଃନିର୍ମାଣ କାର୍ଯ୍ୟପାଇଁ ସୂଚନା ଅଧିକାର ଆଇନ, ୨୦୦୫ ପ୍ରଯୁଜ୍ୟ ହେବ ।
- ବସ୍ତି ପୁନଃବିକାଶ ସହ ସମ୍ପର୍କିତ ପ୍ରକଳ୍ପର ଅଡିଟ କାର୍ଯ୍ୟ ଭାରତର କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲଙ୍କ କାର୍ଯ୍ୟାଳୟ ଦ୍ୱାରା ସମ୍ପନ୍ନ କରାଯିବ । ଜରାଜୀର୍ଣ୍ଣ, ଭଗ୍ନ ଓ ଅସୁରକ୍ଷିତ ଗୃହର ପୁନଃବିକାଶ କାର୍ଯ୍ୟକୁ କମ୍ପଟ୍ରୋଲର ଏବଂ ଅଡିଟର ଜେନେରାଲଙ୍କ ଦ୍ୱାରା ସ୍ୱୀକୃତପ୍ରାପ୍ତ ଅଡିଟରମାନଙ୍କ ଦ୍ୱାରା ଅଡିଟ୍ କରାଯିବ ।

- ମଝିରେ ମଝିରେ କାର୍ଯ୍ୟର ସମୀକ୍ଷା କରିବା ନିମେନ୍ତ ମହାରାଷ୍ଟ୍ର ସରକାରଙ୍କ ଦ୍ୱାରା ଏକ ଉଚ୍ଚ ସ୍ତରୀୟ କମିଟି ଗଠନ କରାଯିବ । ଏହି କମିଟିରେ ବିଭିନ୍ନ କ୍ଷେତ୍ରର ପ୍ରମୁଖ ପ୍ରତିନିଧି ଯଥା ସ୍ଥପତି, ସହରାଞ୍ଚଳ ଯୋଜନାକାରୀ, ଯନ୍ତ୍ରୀ, ସ୍ୱେଚ୍ଛାସେବୀ ସଂଗଠନର ସଭ୍ୟ, ସ୍ଥାନୀୟ ପୌରାଞ୍ଚଳ ପ୍ରତିନିଧି ଏବଂ ରାଜ୍ୟ ସରକାର ତଥା କେନ୍ଦ୍ର ସରକାରଙ୍କ ପ୍ରତିନିଧି ସ୍ଥାନ ପାଇବେ ।

**୪.କେରଳକୁ କେଉଁ କେଉଁ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରାଯାଇଛି ?**

କେରଳରେ ବିଶେଷ ପ୍ରକାରର ଉପକୂଳ ପରିବେଶ ରହିଛି ଯେଉଁଠି ଆବଦ୍ଧ ଜଳରାଶି ମଧ୍ୟରେ ୩୦୦ ରୁ ଅଧିକ କ୍ଷୁଦ୍ର ଦୀପ ରହିଛି । କେରଳର ଏହି ସ୍ୱତନ୍ତ୍ର ଭୌଗୋଳିକ ଅବସ୍ଥାକୁ ଲକ୍ଷ୍ୟରେ ରଖି ଅଧିସୂଚନାରେ କେରଳର ଉପକୂଳ ଅଞ୍ଚଳ ପାଇଁ କେତେକ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରାଯାଇଛି ।

କେରଳର ଆବଦ୍ଧ ଜଳରାଶି ଅଞ୍ଚଳରେ ଥିବା ଦ୍ୱୀପଗୁଡ଼ିକ ଅଣଓସାରିଆ ଭୂଖଣ୍ଡରେ ଗଠିତ ହୋଇଥିବାରୁ ସିଆର୍‌ଜେଡ୍ ଅଞ୍ଚଳକୁ ଉଚ୍ଚ ଜୁଆର ରେଖାଠାରୁ ଭୂଭାଗ ଆଡ଼କୁ ୫୦ ମିଟରକୁ କମାଇ ଦିଆଯାଇଛି । ଏହି ଅଞ୍ଚଳ ଏକ ବିକାଶ ନିଷିଦ୍ଧ ଅଞ୍ଚଳ ଯେଉଁଠି କୌଣସି ନୂତନ ନିର୍ମାଣ କାର୍ଯ୍ୟ କରାଯାଇପାରିବ ନାହିଁ । ତେବେ ଏହି ଅଞ୍ଚଳରେ ରହିଥିବା ସ୍ଥାନୀୟ ଗୋଷ୍ଠୀମାନଙ୍କର ବାସଗୃହ ମରାମତି ଓ ପୁନଃନିର୍ମାଣ କରାଯାଇପାରିବ । ଉପକୂଳ ଅଞ୍ଚଳରେ ଆବଶ୍ୟକ ହେଉଥିବା ବିଭିନ୍ନ ସୁବିଧାସୁଯୋଗ ସୃଷ୍ଟି ଯଥା ମାଛଧରା ଜେଟି ନିର୍ମାଣ, ମାଛ ଶୁଖାଇବା ପ୍ରାଙ୍ଗଣ, ପାରମ୍ପରିକ ପଦ୍ଧତିରେ ମାଛ ଶୁଖାଇବା ବ୍ୟବସ୍ଥା, ଡଙ୍ଗା ନିର୍ମାଣ ସ୍ଥାନ, ବରଫ କଳ, ଡଙ୍ଗା ମରାମତି ଆଦି କାର୍ଯ୍ୟ ୦ ରୁ ୫୦ ମିଟର ଅଞ୍ଚଳ ମଧ୍ୟରେ କରାଯାଇପାରିବ । ଉଚ୍ଚ ଜୁଆର ରେଖାଠାରୁ ଭୂଭାଗ ଦିଗରେ ୫୦ ମିଟର ବାହାରେ ସ୍ଥାନୀୟ ପଞ୍ଚାୟତର ଅନୁମତି ନେଇ ସ୍ଥାନୀୟ ଗୋଷ୍ଠୀମାନଙ୍କର ବାସଗୃହ ନିର୍ମାଣ କରାଯାଇପାରିବ ।

**୫. ସୁନ୍ଦରବନ ଏବଂ ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ଅନ୍ୟାନ୍ୟ ଅଞ୍ଚଳ ପାଇଁ କି ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି ?**

ସୁନ୍ଦରବନ ହେଉଛି ଦେଶର ସର୍ବବୃହତ ହେନ୍ତାଳବଣ । ଏହି ଜୈବମଣ୍ଡଳରେ ପ୍ରାୟ ପାଞ୍ଚଲକ୍ଷ ଲୋକ ବସବାସ କରନ୍ତି । ସମୁଦ୍ର ଜଳସ୍ତର ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଦ୍ୱାରା ଘଟୁଥିବା ପାଣିପାଗରେ ପରିବର୍ତ୍ତନ ଯୋଗୁଁ ସୁନ୍ଦରବନ ବହୁ ଭାବରେ ପ୍ରଭାବିତ ହୋଇଛି । ଭିତ୍ତିଭୂମିର ଅଭାବ ଯୋଗୁଁ ସ୍ଥାନୀୟ ଗୋଷ୍ଠୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏହି ଅଧିସୂଚନାରେ ସୁନ୍ଦରବନ ଓ ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ଅନ୍ୟାନ୍ୟ ଅଞ୍ଚଳ ଯଥା ଗୁଜୁରାଟର କଚ୍ଛ ଓ ଖମ୍ଭାଟ ଉପଦ୍ୱୀପ, ମହାରାଷ୍ଟ୍ରର ମାଲବଣ, ଆଚ୍ରା-ରତ୍ନଗିରି, କର୍ଣ୍ଣାଟକର କାରୱାର ଓ କୁଣ୍ଡାପୁର, କେରଳର ଭେମ୍ବାନାଡ଼, ଓଡ଼ିଶାର ଭିତରକନିକା ଏବଂ ଆନ୍ଧ୍ର ପ୍ରଦେଶର କୋରିଙ୍ଗା, ପୂର୍ବ ଗୋଦାବରୀ ଓ କ୍ରିଷ୍ଣା ଆଦି ପାଇଁ ଏକ ସମନ୍ୱିତ ପରିଚାଳନା ଯୋଜନାର ପ୍ରସ୍ତାବ

ରହିଛି । ଏହି ଅଞ୍ଚଳମାନଙ୍କୁ ସଙ୍କଟାପନ୍ନ ସମ୍ବେଦନଶୀଳ ଉପକୂଳ ଅଞ୍ଚଳ (CVCA)ଭାବେ ଘୋଷଣା କରାଯିବା ସହିତ ସ୍ଥାନୀୟ ଗୋଷ୍ଠୀମାନଙ୍କ ସହ ବିଚାରବିମର୍ଷ କରି ପ୍ରତି ଅଞ୍ଚଳ ପାଇଁ ସମନ୍ୱିତ ପରିଚାଳନା ଯୋଜନା ପ୍ରସ୍ତୁତ କରାଯିବ ।

ସମନ୍ୱିତ ପରିଚାଳନା ଯୋଜନା ପ୍ରସ୍ତୁତ ହୋଇ କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ଏହି ଅଞ୍ଚଳରେ ଥିବା ସ୍ଥାନୀୟ ଲୋକମାନଙ୍କ ପାଇଁ ଆବଶ୍ୟକ ହେଉଥିବା ଭିତ୍ତିଭୂମିର ବିକାଶ କାର୍ଯ୍ୟ ପାଇଁ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷ ଅନୁମତି ପ୍ରଦାନ କରିପାରିବେ ।

### ୬. ଗୋଆକୁ କେଉଁ କେଉଁ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରାଯାଇଛି ?

ଉପକୂଳ ଅଞ୍ଚଳର ଚିରନ୍ତନ ବିକାଶ ଏବଂ ପରିବେଶ ସୁରକ୍ଷା ନିମନ୍ତେ କେତେକ କଠୋର ନିୟନ୍ତ୍ରଣ ବ୍ୟବସ୍ଥା ସହିତ ଗୋଆକୁ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରାଯାଇଛି । ଅନ୍ୟ ବ୍ୟବସ୍ଥାଗୁଡ଼ିକ ହେଲା: –

- ଯେହେତୁ ଉପକୂଳ ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ପାରମ୍ପରିକ ମାଛଧରା ଏବଂ ଆନୁସଙ୍ଗିକ କାର୍ଯ୍ୟ ଉପରେ ନିର୍ଭର କରିଥାନ୍ତି ଏବଂ ମତ୍ସ୍ୟଜୀବୀମାନେ ସେମାନଙ୍କ ଜୀବନଜୀବିକା ପାଇଁ ମୌଳିକ ଭିତ୍ତିଭୂମି ଆବଶ୍ୟକ କରିଥାନ୍ତି, ଏ ଦିଗରେ ଗୋଆ ସରକାରଙ୍କ ଦ୍ୱାରା ବିସ୍ତୃତଭାବେ ସର୍ଭେ କରାଯାଇ ଏହି ସମସ୍ତ ସୁବିଧା ପ୍ରଦାନ କରାଯିବ ।
- ସିଆର୍‌ଜେଡ୍ ଅଞ୍ଚଳରେ ରହିଥିବା ସ୍ଥାନୀୟ ଗୋଷ୍ଠୀମାନଙ୍କର ବାସଗୃହ ଓ ଅନ୍ୟାନ୍ୟ ଢାଞ୍ଚାର ପୁନଃନିର୍ମାଣ ଓ ମରାମତି କରାଯାଇପାରିବ ।
- ପରିବେଶଦୃଷ୍ଟିରୁ ସମ୍ବେଦନଶୀଳ ତଥା ଜୁଆର ଦ୍ୱାରା ପ୍ରଭାବିତ ଖଜାନ୍ ଜମି ଭାବେ ନାମିତ ଖାଲୁଆ ଅଞ୍ଚଳର ମାନଚିତ୍ର ପ୍ରସ୍ତୁତ କରାଯିବ । ଏହି ଅଞ୍ଚଳରେ ଥିବା ସମସ୍ତ ହେନ୍ତାଳବଣର ସୁରକ୍ଷା କରାଯିବ ଏବଂ ଏକ ପରିଚାଳନା ଯୋଜନା ପ୍ରସ୍ତୁତ କରାଯାଇ ଖଜାନ୍ ଜମିରେ କୌଣସି ବିକାଶମୂଳକ କାର୍ଯ୍ୟକୁ ଅନୁମତି ପ୍ରଦାନ କରାଯିବ ନାହିଁ ।
- ସମୁଦ୍ର ଉପକୂଳ ଏବଂ ସଂକୀର୍ଣ୍ଣ ଉପସାଗରରେ ରହିଥିବା ବାଲୁକାସ୍ତୂପ ଏବଂ ବେଳାଭୂମିର ସର୍ବେକ୍ଷଣ କରାଯାଇ ମାନଚିତ୍ର ପ୍ରସ୍ତୁତ କରାଯିବ । ଏହି ବାଲୁକା ସ୍ତୂପ ଅଞ୍ଚଳରେ କୌଣସି କାର୍ଯ୍ୟପାଇଁ ଅନୁମତି ଦିଆଯିବ ନାହିଁ ।
- ମାଣ୍ଡ୍ରେମ୍, ମୋର୍‌ଜିମ୍, ଗାଲ୍‌ଜିବା ଏବଂ ଆଗୋଣ୍ଡା ଆଦି ବେଳାଭୂମିକୁ କଇଁଛ ଅଣ୍ଡା ଦେବା ସ୍ଥାନ ଭାବେ ଚିହ୍ନଟ କରାଯାଇଛି ଏବଂ ବନ୍ୟପ୍ରାଣୀ (ସୁରକ୍ଷା) ଆଇନ୍, ୧୯୭୨ ଅଧିନରେ ସୁରକ୍ଷିତ ଘୋଷଣା କରାଯାଇଛି । ଏସବୁ ଅଞ୍ଚଳର ସର୍ବେକ୍ଷଣ କରାଯିବ ଏବଂ ଏସବୁ ସ୍ଥାନର ସୁରକ୍ଷାପାଇଁ ପରିଚାଳନା ଯୋଜନା ପ୍ରସ୍ତୁତ କରାଯିବ । ଏସବୁ ଅଞ୍ଚଳରେ କୌଣସି ବିକାଶମୂଳକ କାର୍ଯ୍ୟପାଇଁ ଅନୁମତି ପ୍ରଦାନ କରାଯିବ ନାହିଁ ।

## ଜ. ୧୯୯୯ ଅଧିସୂଚନା ଅନ୍ତର୍ଗତ ପୁରାତନ ଅମୀମାଂସିତ ମାମଲା ଓ ଆଇନ ଉଲ୍ଲଘଂନର ହସ୍ତାନ୍ତର

**୧. ୨୦୧୧ ଅଧିସୂଚନା କାର୍ଯ୍ୟକାରୀ ହେବା ପରେ ସିଆର୍‌ଜେଡ୍ ଅଧିସୂଚନା ୧୯୯୧ ଅନୁଯାୟୀ ହୋଇଥିବା ଉଲ୍ଲଘଂନ କାର୍ଯ୍ୟକୁ ଛାଡ଼ କରାଯିବ କି ?**

ନା । ପରିବେଶ (ସୁରକ୍ଷା) ଆଇନ, ୧୯୮୬ ର ଧାରା ୫ ଅଧିନରେ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ତରଫରୁ ବିଧିବଦ୍ଧ ନିର୍ଦ୍ଦେଶନାମା ଜାରି କରାଯିବ, ଯେଉଁଥିରେ ସମସ୍ତ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷଙ୍କ ପାଇଁ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶାବଳୀ ରହିବ । ଏହାଦ୍ୱାରା ଉପଯୁକ୍ତ ମାନଚିତ୍ର, ଉପଗ୍ରହ ଚିତ୍ର ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପଦକ୍ଷେପ ଗ୍ରହଣ କରାଯିବ ।

**୨. ୨୦୧୧ ଅଧିସୂଚନା ଜାରି ହେବାପରେ ୧୯୯୧ ଅଧିନରେ ପ୍ରସ୍ତୁତ କରାଯାଇଥିବା ଉପକୂଳ ମଣ୍ଡଳ ପରିଚାଳନା ଯୋଜନାର ସ୍ଥିତି କଣ ହେବ ?**

ଅଧିସୂଚନାରେ ଏକଥା ଦର୍ଶାଯାଇଛି ଯେ ସି ଆର୍ ଜେଡ୍ ଅଧିସୂଚନା, ୨୦୧୧ ଆଧାରରେ ନୂଆ ଉପକୂଳ ମଣ୍ଡଳ ପରିଚାଳନା ଯୋଜନା ଅନୁମୋଦନ ଲାଭ କରିବା ପର୍ଯ୍ୟନ୍ତ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା, ୧୯୯୧ ଆଧାରରେ ପ୍ରସ୍ତୁତ ଉପକୂଳ ମଣ୍ଡଳ ପରିଚାଳନା ଯୋଜନା ବଳବତ୍ତର ରହିବ ।

**୩. ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା, ୧୯୯୧ ର ଉଲ୍ଲଘଂନ କରି ନିର୍ମାଣ କରାଯାଇଥିବା ଆଦର୍ଶ ପରି ଗୃହକୁ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା, ୨୦୧୧ ରେ ନିୟମିତ କରାଯିବ କି ?**

ନା । ପରିବେଶ (ସୁରକ୍ଷା) ଆଇନ, ୧୯୮୬ ର ଧାରା ୫ ଅନୁଯାୟୀ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ତରଫରୁ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶାବଳୀ ପ୍ରଦାନ କରାଯିବ । ଏହାଦ୍ୱାରା ସେମାନେ ଉପଯୁକ୍ତ ମାନଚିତ୍ର, ଉପଗ୍ରହ ଚିତ୍ର ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟକ୍ରମ ଗ୍ରହଣ କରିପାରିବେ ।

# ୯. ଦ୍ୱୀପ ସୁରକ୍ଷା ମଣ୍ଡଳ ଅଧିସୂଚନା

## ୧. କାହିଁକି ଅଲଗା ଭାବେ ଦ୍ୱୀପ ସୁରକ୍ଷା ମଣ୍ଡଳ ଅଧିସୂଚନା, ୨୦୧୧ ଆବଶ୍ୟକ ହେଲା ?

ଆଣ୍ଡାମାନ ଏବଂ ନିକୋବରରେ ପ୍ରାୟ ୫୦୦ଟି ଦ୍ୱୀପ ଥିବାବେଳେ ଲାକ୍ଷାଦ୍ୱୀପରେ ପ୍ରାୟ ୩୦ଟି ଦ୍ୱୀପ ରହିଛି । ଏହି ଦୁଇ ଧରଣର ସାମୁଦ୍ରିକ ଦ୍ୱୀପପୁଞ୍ଜ ଦେଶର ଜୈବ ବିବିଧତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆବାସସ୍ଥଳୀ ଭାବେ କାର୍ଯ୍ୟ କରିଥାଏ । ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ ସ୍ଥଳଭାଗ ଏବଂ ସାମୁଦ୍ରିକ ଜୈବ ବିବିଧତା ପାଇଁ ପ୍ରସିଦ୍ଧ । ଆଣ୍ଡାମାନ ଏବଂ ନିକୋବରର ମୋଟ ଭୌଗୋଳିକ ଆୟତନର ଶତକଡ଼ା ୮୫ ଭାଗ ଜଙ୍ଗଲରେ ପରିପୂର୍ଣ୍ଣ । ସେହିପରି ଲାକ୍ଷାଦ୍ୱୀପ ଏକ ପ୍ରବାଳ ଦ୍ୱୀପ ଅଟେ । ଏହି ଦ୍ୱୀପମାନଙ୍କର ଭୌଗୋଳିକ ଅଞ୍ଚଳ ଏତେ କ୍ଷୁଦ୍ର ଯେ, ଅଧିକାଂଶ କ୍ଷେତ୍ରରେ ୫୦୦ ମିଟର ଉପକୂଳ ନିୟନ୍ତ୍ରଣ ମଣ୍ଡଳ ନିୟାମକ ଅନୁସାରେ ଗୋଟିଏ ସ୍ଥାନ ସହ ଅନ୍ୟସ୍ଥାନକୁ ଅଧିକ୍ରମଣ କରିଥାଏ । ତେଣୁ ସମସ୍ତ ଦ୍ୱୀପମାନଙ୍କର ପରିଚାଳନା ନିମନ୍ତେ ଏକ ସ୍ୱତନ୍ତ୍ର ଅଧିସୂଚନା ଜାରି କରାଯାଉଛି । (ଆଣ୍ଡାମାନ ଓ ନିକୋବରର ଚାରୋଟି ଦ୍ୱୀପ ଯଥା – ଉତ୍ତର ଆଣ୍ଡାମାନ, ମଧ୍ୟ ଆଣ୍ଡାମାନ, ଦକ୍ଷିଣ ଆଣ୍ଡାମାନ ଓ ଗ୍ରେଟ୍ ନିକୋବରକୁ ଏଥିରୁ ବାଦ ଦିଆଯାଇଛି ।)

## ୨. ଦ୍ୱୀପ ସୁରକ୍ଷା ମଣ୍ଡଳ ଅଧିସୂଚନା, ୨୦୧୧ର ଆଭିମୁଖ୍ୟ କଣ ?

ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା, ୨୦୧୧ର ପ୍ରମୁଖ ଆଭିମୁଖ୍ୟମାନ ହେଲା –

- ଉପକୂଳ ଅଞ୍ଚଳରେ ବସବାସ କରୁଥିବା ମତ୍ସ୍ୟଜୀବୀ, ତଫସିଲଭୁକ୍ତ ଉପଜାତି ଏବଂ ଅନ୍ୟାନ୍ୟ ସ୍ଥାନୀୟ ଗୋଷ୍ଠୀ ମାନଙ୍କର ଜୀବନ ଜୀବିକା ସୁରକ୍ଷିତ ରଖିବା;
- ଉପକୂଳବର୍ତ୍ତୀ ଅଞ୍ଚଳର ସଂରକ୍ଷଣ ଏବଂ ସୁରକ୍ଷା କରିବା; ଏବଂ
- ଉପକୂଳବର୍ତ୍ତୀ ଅଞ୍ଚଳରେ ଘଟୁଥିବା ପ୍ରାକୃତିକ ବିପର୍ଯ୍ୟୟଜନିତ ବିପଦ ଏବଂ ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁଁ ସମୁଦ୍ର ପତ୍ତନରେ ବୃଦ୍ଧିଜନିତ ବିପଦକୁ ଦୃଷ୍ଟିରେ ରଖି ବୈଜ୍ଞାନିକ ପଦ୍ଧତିରେ ଚିରନ୍ତନ ବିକାଶକୁ ପ୍ରୋତ୍ସାହିତ କରିବା ।

## ୩. ଦ୍ୱୀପ ସୁରକ୍ଷା ମଣ୍ଡଳ ଅଧିସୂଚନା ୨୦୧୧ କେଉଁ ଅଞ୍ଚଳ ପାଇଁ ଉଦ୍ଦିଷ୍ଟ ?

ଉତ୍ତର ଆଣ୍ଡାମାନ, ମଧ୍ୟ ଆଣ୍ଡାମାନ, ଦକ୍ଷିଣ ଆଣ୍ଡାମାନ ଏବଂ ଗ୍ରେଟ୍ ନିକୋବର ନାମକ ଚାରୋଟି ଦ୍ୱୀପପୁଞ୍ଜ ପାଇଁ ଏହି ଅଧିସୂଚନା ଉଚ୍ଚ ଜୁଆର ରେଖାର ୫୦୦ ମିଟର ପର୍ଯ୍ୟନ୍ତ ଅଞ୍ଚଳରେ କାର୍ଯ୍ୟକାରୀ ହେବ । ସେହିପରି ଆଣ୍ଡାମାନ ଓ ନିକୋବର ଏବଂ ଲାକ୍ଷାଦ୍ୱୀପର ସମସ୍ତ ଦ୍ୱୀପମାନଙ୍କ ପାଇଁ ସମଗ୍ର ଭୌଗୋଳିକ ଅଞ୍ଚଳ ଏବଂ ୧୨ ନଟିକାଲ ମାଇଲ ପର୍ଯ୍ୟନ୍ତ ଜଳଭାଗ ଏହି ଅଧିସୂଚନା ପରିସର ମଧ୍ୟରେ ଆସିବ ।

### ୪. ଦ୍ୱୀପପୁଞ୍ଜ ପରିଚାଳନା ନିମନ୍ତେ ବାରମ୍ବାର ଘଟୁଥିବା ପ୍ରାକୃତିକ ବିପର୍ଯ୍ୟୟ କଥା ବିଚାରକୁ ନିଆଯାଇଛି କି ?

ହଁ । ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଭୂମିକମ୍ପ, ସୁନାମି, ଝଡ଼ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ଘଟିଥାଏ । ସମନ୍ୱିତ ଦ୍ୱୀପ ପରିଚାଳନା ଯୋଜନାରେ (IIMPs) ସମସ୍ତ ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟ ଏବଂ ଅନ୍ୟାନ୍ୟ ପରିବେଶ ବିଷୟ ବିଚାରକୁ ନିଆଯାଇଛି । ଅଧିସୂଚନାରେ ସମନ୍ୱିତ ଦ୍ୱୀପ ପରିଚାଳନା ଯୋଜନା ପ୍ରସ୍ତୁତ କରିବା ନିମନ୍ତେ ଆବଶ୍ୟକୀୟ ନିର୍ଦ୍ଦେଶାବଳୀ ରହିଛି ।

## ଛ. ଉପସଂହାର : ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା, ୨୦୧୧ ଏବଂ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା, ୧୯୯୧ ର ତୁଳନା

### ୧. ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା, ୨୦୧୧ ରେ କେଉଁ ନୂତନ ବିଷୟମାନ ସ୍ଥାନିତ ହୋଇଛି ?

(ଅ) ସମୁଦ୍ରର ୧୨ ନଟିକାଲ ମାଇଲ ପର୍ଯ୍ୟନ୍ତ ରହିଥିବା ଜଳଭାଗ ଏବଂ ଜୁଆର ପ୍ରଭାବିତ ଜଳାଶୟ ଯଥା ସଂକୀର୍ଣ୍ଣ ଉପସାଗର, ନଦୀ ଓ ମୁହାଣ ଆଦି ଏହି ଅଧିସୂଚନା ଦ୍ୱାରା ନିୟନ୍ତ୍ରିତ ହେବ ।

(ଆ) ଉପକୂଳ ଅଞ୍ଚଳରେ ଥିବା ସ୍ଥାନୀୟ ଗୋଷ୍ଠୀମାନଙ୍କର ଜୀବନଜୀବିକା, ସମ୍ପତ୍ତି ଏବଂ ଭିତ୍ତିଭୂମିର ସୁରକ୍ଷା ନିମନ୍ତେ ବିପଦ ରେଖା ପ୍ରବର୍ତ୍ତନ କରାଯାଇଛି, ଯାହାକି ସର୍ଭେ ଅଫ୍ ଇଣ୍ଡିଆର କାର୍ଯ୍ୟାଳୟ ଦ୍ୱାରା ଚିହ୍ନଟ କରାଯିବ ।

(ଇ) ପରିବେଶଗତ ଏବଂ ସାମାଜିକ ବିଷୟକୁ ନଜରରେ ରଖି ବୃହତ୍ ମୁମ୍ବାଇ, କେରଳ, ଗୋଆ ଏବଂ ସୁନ୍ଦରବନ ପରି ସଙ୍କଟାପନ୍ନ ଉପକୂଳ ଅଞ୍ଚଳ ନିମନ୍ତେ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରାଯାଇଛି ।

(ଈ) ମନୁଷ୍ୟକୃତ କାର୍ଯ୍ୟ ଯୋଗୁଁ ଉପକୂଳ ଅଞ୍ଚଳରେ ଘଟୁଥିବା ଅବକ୍ଷୟକୁ ନଜରରେ ରଖି ସଦ୍ୟତମ ଉପଗ୍ରହ ଚିତ୍ରକୁ ବ୍ୟବହାର କରି ଉପକୂଳ ଅଞ୍ଚଳର ମାନଚିତ୍ର ଅଙ୍କନ କରାଯିବ । ଏହାପରେ ଉପକୂଳ ଅଞ୍ଚଳକୁ ଉଚ୍ଚ ଅବକ୍ଷୟ, ମଧ୍ୟ ଅବକ୍ଷୟ ଏବଂ ନିମ୍ନ ଅବକ୍ଷୟ ଅଞ୍ଚଳ ଭାବେ ଶ୍ରେଣୀଭୁକ୍ତ କରାଯିବ । ଉଚ୍ଚ ଅବକ୍ଷୟ ଅଞ୍ଚଳରେ କୌଣସି ବିକାଶମୂଳକ କାର୍ଯ୍ୟ ପାଇଁ ଅନୁମତି ପ୍ରଦାନ କରାଯିବ ନାହିଁ ।

(ଉ) ମତ୍ସ୍ୟଜୀବୀ ଏବଂ ଉପକୂଳ ଅଞ୍ଚଳରେ ପାରମ୍ପରିକ ଭାବେ ବସବାସ କରୁଥିବା ଅନ୍ୟ ଗୋଷ୍ଠୀମାନଙ୍କର ବାସଗୃହ ଆବଶ୍ୟକତା ପୂରଣ ନିମନ୍ତେ ଉଚ୍ଚ ଜୁଆର ରେଖାର ୨୦୦ ମିଟର ପର୍ଯ୍ୟନ୍ତ ରହିଥିବା ବିକାଶ ନିଷିଦ୍ଧ ଅଞ୍ଚଳକୁ ୧୦୦ ମିଟରକୁ କମାଇ ଦିଆଯାଇଛି ।

**୨. ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା, ୧୯୯୧ର କେଉଁ ବିଷୟମାନ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା, ୨୦୧୧ରେ ରଖାଯାଇଛି ?**

(ଅ) ଉଚ୍ଚ ଜୁଆର ରେଖାଠାରୁ ସମୁଦ୍ର ଦିଗରେ ୫୦୦ ମିଟର ଏବଂ ଉଚ୍ଚ ଜୁଆର ରେଖାଠାରୁ ଜୁଆର ପ୍ରଭାବିତ ଜଳାଶୟର ୧୦୦ ମିଟର ପର୍ଯ୍ୟନ୍ତ ଅଞ୍ଚଳରେ ଏହି ନିୟନ୍ତ୍ରଣ କାର୍ଯ୍ୟକାରୀ ହେବ । ଏହି ନିୟମ ପୂର୍ବ ପରି ବଜାୟ ରହିଛି ।

(ଆ) ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଞ୍ଚଳର ଶ୍ରେଣୀ ବିଭାଗ ଯଥା – ଉପକଳୂ ନିୟନ୍ତ୍ରଣ ମଣ୍ଡଳ-୧ (ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ଅଞ୍ଚଳ), ଉପକୂଳ ନିୟନ୍ତ୍ରଣ ମଣ୍ଡଳ-୨ (ସହରାଞ୍ଚଳ) ଓ ଉପକୂଳ ନିୟନ୍ତ୍ରଣ ମଣ୍ଡଳ-୩ (ଗ୍ରାମାଞ୍ଚଳ) ପୂର୍ବ ପରି ବଜାୟ ରହିଛି ।

(ଇ) ଉପକୂଳ ନିୟନ୍ତ୍ରଣ ମଣ୍ଡଳ-୧, ୨ ଏବଂ ୩ ର ଚିହ୍ନଟ ପାଇଁ ଉପକୂଳ ମଣ୍ଡଳ ପରିଚାଳନା ଯୋଜନା ପ୍ରସ୍ତୁତି ନିମନ୍ତେ ରହିଥିବା ପଦ୍ଧତି ବଜାୟ ରହିଛି ।

**୩. ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା, ୧୯୯୧ ରେ ଥିବା କେଉଁ ଗୁରୁତ୍ୱପୂର୍ଣ୍ଣ ବିଷୟମାନ ଉପକୂଳ ନିୟନ୍ତ୍ରଣ ମଣ୍ଡଳ, ୨୦୧୧ ରୁ ବାଦ୍ ଦିଆଯାଇଛି ?**

(ଅ) ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଞ୍ଚଳରେ କୌଣସି ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ (SEZ) ପ୍ରକଳ୍ପକୁ ଆଉ ଅନୁମତି ପ୍ରଦାନ କରାଯିବ ନାହିଁ ।

(ଆ) ଆଣ୍ଡାମାନ୍ ଓ ନିକୋବର ଏବଂ ଲାକ୍ଷାଦ୍ୱୀପ ପାଇଁ ରହିଥିବା ନିୟମାବଳୀ ବାଦ୍ ଦିଆଯାଇଛି । ଭୌଗୋଳିକ ସ୍ଥିତିର ସ୍ୱାତନ୍ତ୍ର୍ୟ, ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳତା ଏବଂ ଦ୍ୱୀପର ଅଧିବାସୀମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦ୍ୱୀପ ସୁରକ୍ଷା ମଣ୍ଡଳ ଅଧିସୂଚନା ନାମରେ ଏକ ସ୍ୱତନ୍ତ୍ର ଅଧିସୂଚନା ଜାରି କରାଯାଇଛି ।

(ଇ) ଗ୍ରାମାଞ୍ଚଳର ବାସିନ୍ଦାମାନଙ୍କ ଗୃହର ସମ୍ପ୍ରସାରଣ ପାଇଁ ଉପକୂଳ ନିୟନ୍ତ୍ରଣ ମଣ୍ଡଳ-୩ ରେ ରଖାଯାଇଥିବା ଅଙ୍କୁଶକୁ ହଟାଇ ଦିଆଯାଇଛି ।